୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.185 Bhubaneswar Thursday August 29 2024 | ୨୬ତମ ବର୍ଷ ସଂଖ୍ୟା-୧୮୫ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୯, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ସୁଭଦ୍ରା

## ମହିଳା ସଶକ୍ତିକରଣ ପାଇଁ ଯୁଗାନ୍ତକାରୀ ପଦକ୍ଷେପ



## ସୁଭଦ୍ରା

ଏହି ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ମହିଳାମାନଙ୍କୁ
ପ୍ରତି ବର୍ଷ ୧୦ ହଜାର ଟଙ୍କାର ସହାୟତା ରାଶି

୫ ବର୍ଷରେ ପାଇବେ
ମୋଟ ୫୦ ହଜାର ଟଙ୍କା

ଧନ୍ୟବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ

ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ

- ଉପକୃତ ହେବେ ୧ କୋଟିରୁ ଉର୍ଦ୍ଧ୍ୱ ମହିଳା
- ପାଞ୍ଚ ବର୍ଷରେ ବ୍ୟୟ ହେବ ୫୫ ହଜାର ୮୨୫ କୋଟି ଟଙ୍କା

### ପ୍ରମୁଖ ବିଶେଷତା

୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ବୟସର ସମସ୍ତ ଯୋଗ୍ୟ ମହିଳା ହେବେ ଉପକୃତ

ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରୁଥିବା ୧୦୦ ଜଣ ହିତାଧିକାରୀଙ୍କୁ ଅତିରିକ୍ତ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି

ବାର୍ଷିକ ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ

ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ

ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍ (APBS) ମାଧ୍ୟମରେ ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ



## ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

DSPL-87
46005/13/0006/2425








## ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ଭିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି

ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା ର୍କତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା’ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

# ବିବାଦରେ ଟେରେସାଙ୍କ ଏନ୍‌ଜିଓ



୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ । କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚାଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ । ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ । ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି



ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରିଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ୱୁଖର୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ । ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢିଥିଲା । ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ । କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫ୍‌ସିଆରଏ ଆଇନ ଉଲ୍ଲଘଂନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା । ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା ।

ମିସନାରୀଜଗୁଡିକର ପ୍ରଚାରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି । ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା । ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ । ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା । ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ୍ୟ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଳିଗଜ୍ଜା ଦେବସ୍ଥାନରେ ପକାଇଥିଲା । ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚାରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି ।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ ।

# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଲନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି। ପୁଲିସ କାରଖାନାକୁ ସିଲ୍ କରିଛି।

## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୃଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ ‘ମୁଁ ଶିକ୍ଷାକର୍ମୀ କହୁଛି’ ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଲାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟୀତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୯

# ବାସ୍ତୁଦୋଷ ଦୂର କରନ୍ତି ବିଘ୍ନରାଜ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

● ଯଦି ଆପଣ ରହୁଥିବା ଘରର ମୁଖ୍ୟ ଦ୍ୱାର ଦକ୍ଷିଣ ଦିଗକୁ ଖୋଲୁଥାଏ ତା'ହେଲେ ଆପଣଙ୍କ ଉପରେ ବାସ୍ତୁ ଦୋଷର କିଛି କୁ-ପ୍ରଭାବ ପଡ଼ିଥାଏ । ଏଭଳି ପରିସ୍ଥିତିରେ ମୁଖ୍ୟ ଦ୍ୱାରର ବାହାର ପଟ କାନ୍ଥରେ କିମ୍ବା ଦ୍ୱାରବନ୍ଧ ଉପରେ ଗଣେଶଙ୍କ ଛୋଟିଆ ପ୍ରତିମୂର୍ତ୍ତିଟିଏ ଲଗାଇ ଦିଅନ୍ତୁ । ଏହା ଫଳରେ ଘରର ଦକ୍ଷିଣ ମୁହାଁ ଦୋଷ କଟିଯିବ ।

● ଯଦି ମୁଖ୍ୟଦ୍ୱାର ବାଟେ ଘର ଭିତରକୁ ପ୍ରବେଶ କରିବା ସମୟ ଆପଣ ଅସହଜ ମନେ କରନ୍ତି ତାହେଲେ କିଛି ବାସ୍ତୁଦୋଷ ରହିଥିବାର ଅନୁମାନ କରାଯାଏ । ଏ କ୍ଷେତ୍ରରେ ପ୍ରବେଶ ଦ୍ୱାରର ଠିକ୍ ସମ୍ମୁଖ କାନ୍ଥରେ ଆପଣ ମଧ ନଅଇଞ୍ଚ ଉଚ୍ଚତାର ଏକ ଗଣେଶ ମୂର୍ତ୍ତି ସ୍ଥାପନ କରନ୍ତୁ, ଦୋଷ କଟିଯିବ ।

● ନୂଆ ଘରକୁ ପ୍ରବେଶ କରିବା ପୂର୍ବରୁ ଘରର ବୈଠକଖାନାର ପୂର୍ବପଟ କାନ୍ଥଆଡ଼କୁ ଆଠ ଆଙ୍ଗୁଳି (ଛଅ ଇଞ୍ଚ) ମାପର ଏକ ଶ୍ରୀ ଗଣେଶ ମୂର୍ତ୍ତି ସ୍ଥାପନା କରନ୍ତୁ । ନୂଆ ଘରର ପୂଜାର୍ଚ୍ଚନା ପରେ ମୂର୍ତ୍ତିଟିକୁ ଠାକୁର ଘରକୁ ନେଇ ଯାଆନ୍ତୁ ଏବଂ ପୂଜା କରନ୍ତୁ ।

● ଅଫିସ, ଫାକ୍ଟ୍ରି କିମ୍ବା ଦୋକାନ, ଅନୁକୂଳ ସମୟରେ ଗଣେଶଙ୍କ ପ୍ରତିରୂପ ସ୍ୱସ୍ତିକ ଜହ୍ନକୁ ତାମ୍ରପାତ୍ରରେ ସିନ୍ଦୁରରେ ଅଙ୍କିତ କରି ପୂଜା କଲେ ବହୁତ ସୁଫଳ ମିଳିଥାଏ ।

● ଘରର ଯେ କୌଣସି କାନ୍ଥରେ ଗଣେଶଙ୍କ ମୂର୍ତ୍ତି ବା ଫଟୋ ସ୍ଥାପନା କରନ୍ତୁ ନାହିଁ । ସବୁବେଳେ ପୂର୍ବ କିମ୍ବା ଉତ୍ତରପଟ କାନ୍ଥରେ ଲଗେଇ ମୂର୍ତ୍ତି ସ୍ଥାପନ କରନ୍ତୁ । ଯେମିତିକି ଆପଣ ପୂର୍ବ କିମ୍ବା ଉତ୍ତରକୁ ମୁହଁକରି ଗଣେଶଙ୍କୁ ପୂଜା କରିପାରିବେ । ଗଣେଶଙ୍କ ମୁଖ ହେବ ପଶ୍ଚିମ କିମ୍ବା ଦକ୍ଷିଣ ଦିଗକୁ ।

● ଘର ଭିତରକୁ ପ୍ରବେଶ କରିବା ପାଇଁ ଥିବା ମୁଖ୍ୟ ଦ୍ୱାରର ବା କିମ୍ବା ଡାହାଣ ପଟେ ହଳଦିଆ କିମ୍ବା ଲାଲ ରଙ୍ଗରେ ସ୍ୱସ୍ତିକ ଚିହ୍ନ ଆଙ୍କିଦେଲେ ଖୁବ୍ ଶୁଭଫଳ ମିଳେ । ହଁ କୌଣସି ରାସାୟନିକ ରଙ୍ଗରେ ଏହାକୁ ଆଙ୍କିବେ ନାହିଁ । ଦେଶୀ ରଙ୍ଗରେ ହିଁ ଆଙ୍କିବେ ।

● ଅଗଣା ମଝିରେ ଥିବା ଚଉରା ନିକଟରେ ଗଣେଶ ମୂର୍ତ୍ତି ସ୍ଥାପନ କରି ପୂଜା କଲେ ସେ ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ।

● ପିଲାଙ୍କ ପଢ଼ାଘରେ ଗଣେଶଙ୍କ ମୂର୍ତ୍ତି ରହିଲେ ଖୁବ୍ ଉତ୍ତମ ଫଳ ଦିଏ ।

● ଘରମାନଙ୍କରେ ଗଣେଶଙ୍କ ଆଶୀର୍ବାଦ ମୁଦ୍ରାରେ ବସିଥିବା ମୂର୍ତ୍ତି ଖୁବ୍ ଉତ୍ତମ ଫଳ ଦିଏ । ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଯେ କୌଣସି ଭଙ୍ଗୀର ମୂର୍ତ୍ତି ଲଗାଯାଇପାରେ । ହୋଟେଲ ପ୍ରତିଷ୍ଠାନମାନଙ୍କରେ ଗଣେଶଙ୍କ ଶୟନ ମୁଦ୍ରାର ମୂର୍ତ୍ତି ଖୁବ୍ ଉତ୍ତମ ଫଳ ଦିଏ । ମନୋରଞ୍ଜନ ବ୍ୟବସାୟିକ ପ୍ରତିଷ୍ଠାନରେ ଗଣେଶଙ୍କ ନୃତ୍ୟ ଭଙ୍ଗୀମାର ମୂର୍ତ୍ତି ସବୁଠୁ ଭଲ । ସବୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଶ୍ରୀଗଣେଶଙ୍କ ଠିଆ ମୁଦ୍ରାର ମୂର୍ତ୍ତି ରଖାଯାଇପାରେ ।

● ଶିଡ଼ି ତଳେ କୌଣସି ଦେବଦେବୀଙ୍କ ଫଟୋ ବା ମୂର୍ତ୍ତି ଲଗାନ୍ତୁ ନାହିଁ ।

● ଶୌଚାଳୟ କାନ୍ଥରେ କିମ୍ବା ଶୌଚାଳୟ ଆଡ଼କୁ ମୁହଁ କରି କୌଣସି ଦେବଦେବୀଙ୍କ ଫଟୋ, ମୂର୍ତ୍ତି କିମ୍ବା କ୍ୟାଲେଣ୍ଡର ଲଗାନ୍ତୁ ନାହିଁ।

ଗଣେଶଙ୍କ ଠାରୁ ଆମେ କ'ଣ ଶିଖିବା :

● ଗଣେଶଙ୍କ ଛୋଟ ଆଖି କହେ - ପ୍ରତିଟି ଜିନିଷକୁ ଖୁବ୍ ନିରେଖି ଦେଖ ।

● ବଡ଼ କାନର ଅର୍ଥ ହେଲା - ବେଶୀ ଶୁଣିବା ।

● ଗଣେଶଙ୍କ ପାଟି ଶୁଣ୍ଢ ପଛପଟେ ଲୁଚିଥାଏ, ଏହାର ଅର୍ଥ ହେଲା କମ୍ କହିବା ଏବଂ ସୀମା ଭିତରେ କହିବା ।

● ବଡ଼ ପେଟର ଅର୍ଥ ହେଲା ସବୁ ଜିନିଷକୁ ନିଜ ଭିତରକୁ ନେଇଯିବା ଏବଂ ଜରୁରୀ କଥାକୁ ବ୍ୟବହାର କରିବା ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ବିବେକକୁ କରନ୍ତୁ ମହାନ



ବିଘ୍ନରାଜ ଦାଶ

ସ୍ୱାମୀ ବିବେକାନନ୍ଦ କହିଥିଲେ, ତୁମେ ମହାନ୍ ହେବାକୁ ଚାହଁ ତ ? ତା'ହେଲେ ମହାନତାକୁ ନିଜ ଭିତରେ ସୃଷ୍ଟି ହେବାକୁ ଦିଅ, ଶ୍ରେଷ୍ଠତାକୁ ନିଜ ଅନ୍ତଃକରଣରେ ପ୍ରବେଶ କରିବାକୁ ଦିଅ, ହୃଦୟର ଦ୍ୱାର ଖୋଲା ରଖ । ଯେମିତିକି ସଂସାରରେ ଯେଉଁଠାରୁ ଯାହା କିଛି ଉନ୍ନତ ଏବଂ ମିଳିବ ତାହାକୁ ତୁମେ ଗ୍ରହଣ କରିପାରିବ ନିଜ ହୃଦୟରେ । କେବଳ ଭଲ କଥା ଶୁଣିବାରେ ବା କହିବାରେ କିଛି ଲାଭ ହେବନି । ଶାସ୍ତ୍ର ବ୍ୟାଖ୍ୟାକାର ଜେ. କୃଷ୍ଣମୂର୍ତ୍ତି କୁହନ୍ତି, ଶୁଣିବା ଏବଂ ପଢ଼ିବାରେ ଆନନ୍ଦ ମିଳେ, ଏହାକୁ ଅସ୍ୱୀକାର କରିହୁଏନି । କିନ୍ତୁ ହୃଦୟ ପରିବର୍ତ୍ତନରେ ଏହାର ଭୂମିକା ଖୁବ୍ କମ୍ । ଗଣିତର ସମସ୍ୟା ସମାଧାନ କରିବା ନିମନ୍ତେ ସୂତ୍ର ଯେତିକି ଫଳପ୍ରଦ, ପଢ଼ିବା ଏବଂ ଶୁଣିବା ସେତିକି ମାତ୍ର ଫଳପ୍ରଦ ହୃଦୟରେ ପରିବର୍ତ୍ତନ ଆଣିବା ନିମନ୍ତେ । ସୂତ୍ର କେବଳ ଏକ ସଂକେତ । ବିଦ୍ୟାର୍ଥୀମାନଙ୍କୁ ଏହାର ଆଧାରରେ ବୁଦ୍ଧି ଖଟାଇବାକୁ ହୁଏ, ତାହେଲେ ପ୍ରଶ୍ନର ଉପଯୁକ୍ତ ଉତ୍ତର ମିଳିପାରେ । ସେମିତି ସତ୍‌ସଙ୍ଗ ଏବଂ ସତ୍‌ଶିକ୍ଷା ପରିବର୍ତ୍ତନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରନ୍ତି । ମାତ୍ର ଏହା ପର୍ଯ୍ୟାପ୍ତ ନୁହେଁ । କୌଣସି ପରିବର୍ତ୍ତନ ପାଇଁ ନିଜ ଭିତରେ ଇଛା, ଆଗ୍ରହ ଥିବା ଆବଶ୍ୟକ ।

ଦୁନିଆରେ ଭଲ କଥା ଏବଂ ଭଲ ବିଚାରର ଅଭାବ ନାହିଁ । ଅଭାବ ଅଛି, ଗ୍ରହଣଶୀଳ ହୃଦୟର । ଯଦି ମଣିଷ ପାଖରେ ଗ୍ରହଣଶୀଳ ମନ ଥିବ ତାହେଲେ ଅନେକ ଖରାପ ଜିନିଷ ଭିତରରୁ ହିଁ ସେ ଭଲ ଜିନିଷ ବାଛିପାରିବ । କିନ୍ତୁ ଯେଉଁଠାରେ ହୃଦୟଙ୍ଗମ କରିବା ପରି ଗଭୀରତା ନଥିବ ସେଠାରେ ପ୍ରବଚନ ଶୁଣିବା, ନିର୍ଜୀବ ପ୍ରତିମା ଆଗରେ ମୁଣ୍ଡ ନୁଆଁଇବା ଏବଂ ପାରାୟଣ କରିବା କେବଳ ମନୋରଞ୍ଜନ ମାତ୍ର । ଅଧିକାଂଶ ସମୟରେ ନିଜ ଭିତରେ ଏହି ଗ୍ରହଣଶୀଳତାର ଅଭାବକୁ ଲୁଚାଇବା ପାଇଁ ଆମେ ଅନେକ ପ୍ରକାର ବାହାନା କରୁ ତର୍କ ମଧ୍ୟ ଦର୍ଶାଉ । ଅନେକ ଲୋକ କୁହନ୍ତି, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ନଥିବାରୁ ହୃଦୟ ପରିବର୍ତ୍ତନ ହୋଇପାରୁ ନାହିଁ । ଅବଶ୍ୟ ଏହା ସତ୍ୟ ଯେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏବଂ ସେମାନଙ୍କର କହିବା ଶୈଳୀ ଆମକୁ ପ୍ରଭାବିତ କରେ । କିନ୍ତୁ ଯଦି ଆମ ଭିତରେ ଗ୍ରହଣଶୀଳତା ଥିବ ତେବେ ଯେ କେହି ଭଲ କଥା କହିଲେ ତାକୁ ଗ୍ରହଣ କରିହେବ । କହିବା ଲୋକ ନିରକ୍ଷର ନା ବିଦ୍ୱାନ ଏହାର କୌଣସି ଫରକ ପକାଇବ ନାହିଁ ଆମ ଉପରେ । ଭଲ କଥା ଯେଉଁଠାରୁ ବି ମିଳୁ ତାହା ଗ୍ରହଣଯୋଗ୍ୟ ଏପରି ଭାବନା ଆମରି ମନରେ ପ୍ରାୟତଃ ଆସେ ନାହିଁ । କିନ୍ତୁ ସାଧାରଣତଃ ଆମେ କହୁ ଗୁଣର ଅଭାବ ନାହିଁ । ଗୁଣ ଚିହ୍ନଟ କରିବା ଲୋକଙ୍କ ଅଭାବ ରହିଛି ।

ଅନେକ ଲୋକ ସତ୍‌ସଙ୍ଗ ଯାଆନ୍ତି, ପ୍ରବଚନ ଶୁଣନ୍ତି, ପୁଣି ଭୁଲିଯାଆନ୍ତି । ଏହିପରି ଭାବରେ ସେମାନଙ୍କର ସତ୍‌ସଙ୍ଗର ଜ୍ଞାନ ବୃଥା ହୋଇଯାଏ । ଏଥିରୁ ସ୍ପଷ୍ଟ ହୁଏ ଯେ ଗ୍ରହଣ କରିବାର ଇଛା ନଥିଲେ କିମ୍ବା କହୁଥିବା ଲୋକ ପ୍ରତି ଉପେକ୍ଷା ଭାବ ଥିଲେ ଏପରି ହୁଏ । ଏହି ଜ୍ଞାନ ବ୍ୟବହାରରେ ଆସେ ନାହିଁ । ଭାଗବତର ଏକାଦଶ ସ୍କନ୍ଧରେ କୁହାଯାଇଛି, ସନ୍ଥ ଦତ୍ତାତ୍ରେୟ ପଶୁପକ୍ଷୀ ଏବଂ ପ୍ରକୃତିର ଯେ କୌଣସି ଅଙ୍ଗକୁ ଗୁରୁ ମାନି ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଥିଲେ ।

ତା'ହେଲେ ଜଣେ ବ୍ୟକ୍ତି ଦ୍ୱାରା ପ୍ରଦାନ କରାଯାଉଥିବା ସତ୍‌ଜ୍ଞାନ ଗ୍ରହଣ କରିବାରେ ଅସୁବିଧା କେଉଁଠି ? ବୈଜ୍ଞାନିକମାନେ କୁହନ୍ତି, ଯଦି ଲୁହାକୁ ସୁନାରେ ଏବଂ ସୀସାକୁ ଚାନ୍ଦିରେ ବଦଳାଇବାକୁ ହେବ ତା'ହେଲେ ସେମାନଙ୍କ ପରମାଣୁ ସଂଖ୍ୟା ବଦଳାଇବାକୁ ହେବ । ଅର୍ଥାତ୍ ପରମାଣୁ ସଂଖ୍ୟା ବଦଳିଲେ ଗୋଟିଏ ଧାତୁ ଅନ୍ୟ ଧାତୁରେ ପରିବର୍ତ୍ତିତ ହୋଇପାରିବ । ସେହିପରି ଯଦି ଆମେ ଲଗାତାର ଅନ୍ୟର ମହତ୍ ଗୁଣ ଗ୍ରହଣ କରିବା ତା'ହେଲେ ତାହା ଆମ ଭିତରେ ପ୍ରକାଶିତ ହେବ । ଚରିତ୍ର ଓ ବ୍ୟକ୍ତିତ୍ୱ ପରିବର୍ତ୍ତନ ସମ୍ଭବ, କିନ୍ତୁ ଏହା କିପରି ହୋଇପାରିବ ଏହାର ଉପାୟ ଏପର୍ଯ୍ୟନ୍ତ ସମସ୍ତେ ପାଇପାରିନାହାନ୍ତି । ମହାନ ସାଧୁସନ୍ଥମାନେ କେବଳ ସିଦ୍ଧାନ୍ତ ପ୍ରଦାନ କରିଛନ୍ତି । କେବଳ ସିଦ୍ଧାନ୍ତ ଦ୍ୱାରା ପରିବର୍ତ୍ତନ ସମ୍ଭବ ନୁହେଁ, ଏଥିପାଇଁ କର୍ମ ମଧ୍ୟ ଆବଶ୍ୟକ । ବ୍ୟକ୍ତିତ୍ୱ ନିର୍ମାଣରେ ପୁସ୍ତକ ଓ ପ୍ରବଚନର ଭୂମିକା କେବଳ ମାର୍ଗଦର୍ଶକର । ଏହି ମାର୍ଗରେ ଅଗ୍ରସର ହୋଇ ଏହାକୁ ଆଧାର କରି ପରିବର୍ତ୍ତନ ବ୍ୟକ୍ତିକୁ ହିଁ ଆଣିବାକୁ ହେବ ।

ଗୋଟିଏ ଛୋଟିଆ ଉପଲବ୍ଧିର କଥା। ଈଶ୍ୱରଙ୍କୁ ଭୟ କରିବା ତାଙ୍କୁ ବ୍ୟବହାର କରିବା ଠାରୁ ଶ୍ରଦ୍ଧା କରିବା ଭଲ କଥା। ଶ୍ରଦ୍ଧା ଯାହୂ ନିଃସର୍ତ୍ତ ରହିବା ହିଁ ଦରକାର। ଈଶ୍ୱରଙ୍କୁ ଭଲ ପାଉଥିବା ଅତୁଟ ବିଶ୍ୱାସ ରଖୁଥିବା ଲୋକଟି କେବେ ବି ଭୁଲ କାମ କରିପାରିନଥାଏ। କାରଣ ଭଲ ପାଉଥିବା ବ୍ୟକ୍ତି କି ଶକ୍ତି ଆଖିରେ କେହି ଛୋଟ ହୋଇଯିବା ପାଇଁ ଇଚ୍ଛୁକ ନଥାନ୍ତି। ଠିକ ଯେପରି ପିଲାମାନଙ୍କୁ ଭଲ ପାଉଥିବା ବାପା-ମାଆ ମାନେ କେବେ ବି ଏଭଳି କାମ କରନ୍ତି ନାହିଁ ଯାହା ତାଙ୍କର ଭାବମୂର୍ତ୍ତିକୁ ପିଲାଙ୍କ ଆଗରେ ଛୋଟ କରିଦେବ। ସେହିପରି ବାପା-ମାଆଙ୍କୁ ଭଲ ପାଉଥିବା ପିଲାଏ ଏଭଳି କିଛି କରିବାକୁ ଚାହାଁନ୍ତି ନାହିଁ ଯାହା ସେମାନଙ୍କ ପିତାମାତାଙ୍କୁ ଆଘାତ ପହଞ୍ଚାଇବ ବା ସମାଜରେ ଛୋଟ କରିଦେବ ବା ଲଜ୍ଜିତ କରିଦେବ। ଶ୍ରଦ୍ଧା ଓ ଭଲ ପାଇବା ଏପରି ଏକ ଅମୂଲ୍ୟ ଉପଲବ୍ଧି ଯାହା ମଣିଷକୁ ଉତ୍ତରିତ କରେ। ଉଦାର କରେ ଆଉ ତାର ଚେତନାକୁ ଉର୍ଦ୍ଧ୍ୱମୁଖୀ କରିଥାଏ। ଆମେ ସଦାସର୍ବଦା ଏହି ଭାବନା ଓ ମାନସିକତାରେ ବଞ୍ଚିବା କଥା ଯେ ଆମେ ଯେଉଁ ଈଶ୍ୱର ଅଛନ୍ତି ବୋଲି ଭାବି ବିଶ୍ୱାସ କରୁଛେ ଆମେ ଏପରି କିଛି ଭଲ କାମ ହିଁ ସବୁବେଳେ କରିବା ପାଇଁ ଯତ୍ନବାନ ହେବା ଯାହାଦ୍ୱାରା ଈଶ୍ୱର ଆମ ଉପରେ ଖୁସି ହେବେ। ଏହି ସମୟରେ ମନେପଡୁଛି ପ୍ରସିଦ୍ଧ ଲେଖକ ଭିକ୍ଟର ହୁଗୋଙ୍କ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ପୁସ୍ତକ 'ଲା ମିଜରେବଲ୍' ଯେଉଁଠି ଲେଖକ ଉଲ୍ଲେଖ କରିଛନ୍ତି ଯେ 'ଅନ୍ୟର ମୁହଁରେ ହସ ଫୁଟାଇବା ହେଉଛି ଈଶ୍ୱରଙ୍କ ସାକ୍ଷାତ, ଆମେ ଯେତେ ଅଧିକରୁ ଅଧିକ ଲୋକଙ୍କ ମୁହଁରେ ହସ ଟିକେ ଫୁଟାଇବା ପାରିବା ଆମର ସେତେ ଅଧିକ ଥର ଈଶ୍ୱରଙ୍କ ସହ ଦର୍ଶନ ହେବ।' ପ୍ରତି ମଣିଷ ଭିତରେ ଅନ୍ୟ ପାଇଁ ଈଶ୍ୱର ହେବାର ସମ୍ଭାବନା ରହିଛି। ଈଶ୍ୱର ଅନ୍ୟ କେଉଁଠି ବାସ କରନ୍ତି ନାହିଁ। ବାସ୍ତବରେ ସିଏ ମଣିଷର ହୃଦୟରେ ଆମ୍ଭ ମାନଙ୍କ ଭିତରେ ହିଁ ନିତ୍ୟ ବିରାଜିତ। ମଣିଷ କେବଳ ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ, କ୍ଷମତା ପାଇଁ ବ୍ୟାକୁଳ ନ ହୋଇ ଅସଲ ଓ ଅମୂଲ୍ୟ ରତ୍ନ କୁହାଯାଉଥିବା ସ୍ନେହ ଓ ଶ୍ରଦ୍ଧା ଏପରିକି ଟିକିଏ ହସ, ଆଶା ଓ ଭରଷାକୁ ପ୍ରାପ୍ତ ହେବାକଥା। ନିରାଶ ଆଉ ଭାଙ୍ଗି ଯାଇଥିବା ମନରେ ଆଶା ସଞ୍ଚାର ଏକ ଐଶ୍ୱରୀୟ କାମ ଯାହା ଈଶ୍ୱରଙ୍କୁ ଭଲ ପାଇବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ତାଙ୍କୁ ବିନାଶକାରୀ, ଭୟଙ୍କର ଭାବି ଭୟ କଲେ ଭଲ ପାଇବାର ଆବେଗିକ ଦୃଢ଼ତା ବଢ଼ିଯିବ। ଆମେ ଈଶ୍ୱରଙ୍କୁ ଭୟ ନୁହେଁ ଭଲ ପାଇବା ହିଁ ପ୍ରୟୋଜନୀୟ ଯାହାଦ୍ୱାରା ସେହି ଭଲ ପାଇବାର ପ୍ରେରଣା ଆମ ଭିତରେ ଅଧିକରୁ ଅଧିକ ଭଲ ହୋଇ ସମାଜ ଓ ସମଗ୍ର ବିଶ୍ୱ ପାଇଁ ଏକ କଲ୍ୟାଣକାରୀ ଓ ସତକର୍ମର ଜୀବନ ପାଇଁ ଅନୁପ୍ରେରିତ କରିବ।

ଫିଜିକ୍ସୱାଲା କାର୍ଯ୍ୟାଳୟ, ଅରୁଣଦୋୟ
ମାର୍କେଟ, ଲିଙ୍କରୋଡ଼, କଟକ

# ଖେଳରୁ ଶିକ୍ଷା



ଯଶସ୍ୱିନୀ ପଟ୍ଟନାୟକ

ଆଜି ହେଉଛି ଜାତୀୟ କ୍ରୀଡ଼ା ଦିବସ। ମହାନ ହକି ତାରକା ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଏହି ଦିବଟି ବେଶ ଜାକଜମକରେ ଅନୁଷ୍ଠିତ ହୋଇଥାଏ। ତୁମେ ଭଲ ଭାବେ ଜାଣିଛ ତୁମ ପାଇଁ ଖେଳର ଆକର୍ଷଣ ସ୍ୱତନ୍ତ୍ର। ଖେଳ ଦ୍ୱାରା ହିଁ ସେମାନଙ୍କ ମନରେ ନୂତନ ଶକ୍ତି ସଞ୍ଚାର ହୋଇଥାଏ। ତେବେ ଖେଳ କେବଳ ମଜାମସ୍ତି ପାଇଁ ଯେ ଆବଶ୍ୟକ ତା ନୁହେଁ ଖେଳ ମାଧ୍ୟମରେ ପିଲାମାନେ ଜୀବନର ଶିକ୍ଷା ବି ପାଇଥାନ୍ତି। ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ତୁମ ମାନଙ୍କର ମନ ଖୁସି ହୋଇଥାଏ। ଆଉଟଡୋର ଗେମ ହେଉ ଅବା ଇନଡୋର ଗେମ ସବୁ ପ୍ରକାରର ଖେଳ ପିଲାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଜରୁରୀ। ଖେଳ ମାଧ୍ୟମରେ ମାନସିକ, ଶାରୀରିକ ତଥା ବୌଦ୍ଧିକ ବିକାଶ ସହଜରେ ହୋଇଥାଏ। ବଡ଼କଥା ହେଉଛି ଏହି ଖେଳ ମାଧ୍ୟମରେ ପିଲାମାନେ ଅନେକ କିଛି ଶିଖିବାର ବି ସୁଯୋଗ ପାଇଥାନ୍ତି ଯାହା ସେମାନଙ୍କୁ ଜୀବନରେ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ। ତେବେ ଖେଳ ମାଧ୍ୟମରେ କେଉଁ ସବୁ ବିଷୟରେ ଶିକ୍ଷା ପାଇପାରିବେ ଜାଣି ରଖନ୍ତୁ। ସର୍ବପ୍ରଥମେ ଏଥିରୁ ଦଳଗତ ଏକତାର ଶିକ୍ଷା ମିଳିଥାଏ। ବିଭିନ୍ନ ପ୍ରକାର ଖେଳ ଅଛି ଯେଉଁଠି ଜିତିବାକୁ ହେଲେ ଟିମ ଉପରେ ନିର୍ଭର କରିବାକୁ ହୁଏ। ତେଣୁ ନିଜ ଟିମରେ ଥିବା ସବୁ ଖେଳାଳିଙ୍କ ସହିତ ଏକ ସୁନ୍ଦର ସମ୍ପର୍କ ରଖିବାକୁ ହେବ। ସମସ୍ତଙ୍କ ସହ ବିଚାରବିମର୍ଷ କରି ସଫଳ ହେବା ପାଇଁ ଯୋଜନା ମଧ୍ୟ କରିବାକୁ ହୁଏ। ତେଣୁ ଖେଳିବା ଦ୍ୱାରା ପିଲାମାନେ ଦଳଗତ ଏକତା ସମ୍ପର୍କରେ ଶିକ୍ଷା କରିପାରିବେ। ଏହା ସହିତ ଟିମରେ ରହି ସାଙ୍ଗମାନଙ୍କ ସହିତ କିପରି ଭଲ ସମ୍ପର୍କ ରଖିବାକୁ ହେବ ସେକଥା ମଧ୍ୟ ଜାଣିପାରିବେ। ଏକାଠି ରହିବାର ଏହି ଭାବନା ସେମାନଙ୍କୁ ଭବିଷ୍ୟତରେ ନିଜ ଜୀବନ ଗଠନରେ ବି ଶିକ୍ଷା ଦେଇପାରିବ। ଆଉ ଗୋଟିଏ କଥା ହେଉଛି ପରିଶ୍ରମ, ଅଧ୍ୟବସାୟ ଓ ଚେଷ୍ଟା ଦ୍ୱାରା ଜୀବନରେ କିଛି ବି ଉପଲବ୍ଧି ହୋଇନଥାଏ। ଜୀବନରେ ସବୁକିଛି ସହଜରେ ମିଳି ନଥାଏ। ପ୍ରତ୍ୟେକ କାମରେ ସଫଳତା ପାଇବାକୁ ହେଲେ ପରିଶ୍ରମ କରିବା ଜରୁରୀ। ଏକଥା ମଧ୍ୟ ଖେଳ ମାଧ୍ୟମରେ ଶିଖିବାକୁ ମିଳିଥାଏ। କାରଣ ଖେଳରେ ଜିତିବା ପାଇଁ ହେଲେ ସମସ୍ତଙ୍କୁ ପରିଶ୍ରମ କରିବାକୁ ପଡ଼େ। କିଭଳି କୌଶଳ ଆପଣାଇବାକୁ ହେବ ସେ ନେଇ ବିଚାର କରିବାକୁ ହୁଏ। ତେଣୁ ଖେଳ ମାଧ୍ୟମରେ ପିଲାମାନେ ନିରନ୍ତର ଚେଷ୍ଟା କରିବା ଶିଖିଥାନ୍ତି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବାକୁ ପଡ଼ିବ। କେବଳ ଖେଳରେ ନୁହେଁ ଜୀବନର ପ୍ରତିଟି ମୁହୂର୍ତ୍ତରେ ଜିତିବା ଓ ହାରିବା ଲାଗି ରହିଥାଏ। ତେଣୁ ଅନେକ କ୍ଷେତ୍ରରେ ହାରିବା ବା ବିଜୟରୁ ବଞ୍ଚିତ ହେବାକୁ ଜୀବନରେ ପ୍ରେରଣା ଭାବେ ଗ୍ରହଣ କରିବା ଉଚିତ। ଏହା ଯେପରି ନୈରାଶ୍ୟ ଭିତରକୁ ତୁମ ମାନଙ୍କୁ ନ ଠେଲି ଦେବ ସେ ଦିଗକୁ ଦେଖିବା ଉଚିତ। କିନ୍ତୁ ଜିତିବା ବଦଳରେ ହାରିବା ଅଧିକ ମହତ୍ୱ ରଖେ। କାରଣ ହାରିବାକୁ ମଧ୍ୟ ସେହିଭଳି ସକାରାତ୍ମକ ଢ଼ଙ୍ଗରେ ଗ୍ରହଣ କରିବାକୁ ହେବ। ନଚେତ ଖେଳର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇନଥାଏ। ହାରିବା ପରେ ଶିଖିବାକୁ ମିଳେ। ଆତ୍ମ ସମୀକ୍ଷା କଲେ ଜଣା ପଡ଼େ ଯେ କେଉଁ ସ୍ଥାନରେ କ'ଣ ସବୁ ଭୁଲ ହେଲା ଏବଂ କ'ଣ କରିଥିଲେ ସଫଳତା ମିଳିପାରିଥାନ୍ତା। ଆତ୍ମସଚେତନତା ହେଉଛି କ୍ରୀଡ଼ା ନୈପୁଣ୍ୟର ଏକ ବଡ଼ ସ୍ୱତନ୍ତ୍ରତା। ଖେଳରେ ପିଲାମାନେ ଦକ୍ଷତା ପ୍ରଦର୍ଶନ କରିବା ସହିତ ନିଜ ଦୁର୍ବଳତାକୁ ବି ଅନୁଭବ କରିବାର ସୁଯୋଗ ମିଳିଥାଏ। ତେଣୁ ପିଲାମାନେ ଏହି ଦୃଷ୍ଟିରୁ ସଚେତନ ହୋଇପାରନ୍ତି। ଆତ୍ମଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରିବାର ସୁଯୋଗ ପାଇଥାନ୍ତି। ଅନ୍ୟ କାହାର ସାହାଯ୍ୟ ସମର୍ଥନ ମାଗିବା ପୂର୍ବରୁ ନିଜର ସାମର୍ଥ୍ୟକୁ ପ୍ରୟୋଗ କରନ୍ତି। ଖେଳ ମାଧ୍ୟମରେ ଏହି ଶିକ୍ଷା ପିଲାଙ୍କ ପାଇଁ ଜୀବନର ପ୍ରତି କ୍ଷେତ୍ରରେ ପ୍ରୟୋଗ କରିବାର ସୁଯୋଗ ଦେଇଥାଏ। ସେହିପରି ଖେଳରେ ବିଭିନ୍ନ ସମୟରେ ରିସ୍କ ନେଇ ଖେଳିବାକୁ ହୁଏ। ଜିତିବା ପାଇଁ ହେଲେ ଖେଳର ଅବଧି ମଧରେ ବେଳେବେଳେ ବିଭିନ୍ନ ପ୍ରକାରର ରିସ୍କ ନେବାର ଆହ୍ୱାନ ଆସେ। ସେହିଭଳି ଜୀବନରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ରିସ୍କ ନେବା ଦରକାର। ବେଳେ ବେଳେ ସବୁକ୍ଷେତ୍ରରେ ରହିଥିବା ସୀମା ବାହାର ବି କିଛି କରିବାକୁ ହୁଏ। ତାହା ହୁଏତ ନୈତିକ ଦୃଷ୍ଟିରୁ ହେଉ ଅବା ଆବଶ୍ୟକତା ହୋଇପାରେ। ତେଣୁ ଏହି ଶିକ୍ଷା ବି ଦେଇଥାଏ ଖେଳ। ଖେଳିବା ସମୟରେ ବିଶେଷକରି ବିଭିନ୍ନ ପ୍ରକାର ଖେଳରେ ଭିନ୍ନ ଭିନ୍ନ ସମୟରେ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ପଡ଼ିଥାଏ। ପରିଣାମ ଯାହା ବି ହେଉ କେବେ ହାର ମାନିବା ନାହିଁ। ଖେଳାଳିମାନଙ୍କୁ ସବୁବେଳେ ଏହି ଶିକ୍ଷା ଦିଆଯାଏ। ତେଣୁ ଖେଳ ହିଁ ପିଲାଙ୍କୁ ପ୍ରତି ମୁହୂର୍ତ୍ତରେ ଚ୍ୟାଲେଞ୍ଜ ନେବା ଶିଖାଇଥାଏ। ଯାହା ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିବାର ଶିକ୍ଷା ଦେଇଥାଏ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଆଗେଇ ନେବା ସହ ଆହ୍ୱାନକୁ ଗ୍ରହଣ କରି କ୍ରୀଡ଼ାକୁ ଜୀବନର ଏକ ଆଦର୍ଶ, ମୂଲ୍ୟବୋଧ, ଶିକ୍ଷା ଓ ଜୀବନ ଆନନ୍ଦର ଅନ୍ୟତମ ଉପଲବ୍ଧି ଭାବେ ଗ୍ରହଣ କଲେ ଜାତୀୟ କ୍ରୀଡ଼ା ଦିବସର ଗୁରୁତ୍ୱ ପ୍ରତିପାଦିତ ହୋଇପାରିବ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

# ଯୁବପିଢ଼ିଙ୍କ ମାନସିକତାରେ କ୍ରୋଧ



ବିକ୍ରମ ଦାଶ

ମୁନିଋଷିମାନେ କହିଛନ୍ତି କ୍ରୋଧ ମଣିଷର ପରମ ଶତ୍ରୁ, ଏହାକୁ ପରିତ୍ୟାଗ କରିବା ଉଚିତ । କିନ୍ତୁ ସବୁ ମଣିଷଙ୍କ ପାଇଁ କ୍ରୋଧ ପରିତ୍ୟାଗ କରିବା ଏତେ ସହଜ ନୁହେଁ । ଅବଶ୍ୟ ଏକଥା ସତ ଯେ ଯେତେ ବୁଦ୍ଧି, ଜ୍ଞାନ, ସୃଜନଶୀଳତା ଥାଉ କି ଯେତେ ସୁନ୍ଦର ଚେହେରା ଥାଉ, କ୍ରୋଧ ଏସବୁକୁ ନିଷ୍ପ୍ରଭ କରିଦେବ । ଥରେ ଜଣେ ଜ୍ଞାନୀ ଓ ସ୍କୁଲରେ ଭଲ ପାଠ ପଢୁଥିବା ପିଲା ତାର ସାଙ୍ଗମାନଙ୍କୁ ମନ ଇଛା ଗାଳି ଦେଲା । ସାଙ୍ଗମାନେ ତାଠାରୁ ଦୂରେଇ ଗଲେ । ଏହାର କାରଣ ହେଲା ତାର କ୍ରୋଧ ଓ ସ୍ୱାର୍ଥପରତା ଯେଉଁଥିପାଇଁ ସେ ଅନ୍ୟମାନଙ୍କୁ ସମ୍ମାନ ଦେଉ ନଥିଲା । ଏହା ହୋଇଯିବା ପରେ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେଲା, ଅବସାଦ ବଢ଼ିଲା । ପରୀକ୍ଷାରେ ଖରାପ ହେଲା । ଶେଷରେ ଜଣେ ଶିକ୍ଷକ ଏକଥା ଜାଣିପାରି ତାକୁ ବୁଝାଇଲେ କ୍ରୋଧର ଭୟାବହତା । କାହାକୁ ଆଘାତ କଲେ ଶରୀରର କ୍ଷତ ଶୀଘ୍ର ଭରିଯିବ, କିନ୍ତୁ ରାଗରେ କାହାକୁ ବାଧିଲା ଭଳି କଥା କହିଲେ ସେ କ୍ଷତ ସାରା ଜୀବନ ବି ରହିଯାଇପାରେ । ଅଯଥାରେ ଅନେକ ଶତ୍ରୁ ବାହାରିବେ । ଏଭଳି ଏକାଧିକ ଲୋକଙ୍କୁ ଯଦି ମାନସିକ ଆଘାତ ହେବ ତେବେ କେତେଥର କାହାକୁ 'ଦୁଃଖିତ' ବୋଲି କହି ସ୍ଥିତି ସୁଧାରିବ ? ସାଙ୍ଗସାଥୀ, ଆତ୍ମୀୟସ୍ୱଜନଙ୍କ ସହ ସୁସମ୍ପର୍କ ରକ୍ଷା କରିବାକୁ ହେଲେ ସେମାନଙ୍କ ସୁଖଦୁଃଖରେ ଭାଗୀଦାର ହେବାକୁ ପଡ଼ିବ । କାହାର କାର୍ଯ୍ୟ ବା କଥା ଭଲ ନଲାଗିଲେ ମଧ୍ୟ ସହିବାକୁ ପଡ଼ିବ । ତେଣୁ ଅନ୍ୟକୁ ସ୍ନେହ କର ଓ ସମ୍ମାନ ଦିଅ । ତାହା ହିଁ ହେବ ସର୍ବଶ୍ରେଷ୍ଠ ସଫଳତା । ବ୍ୟକ୍ତି ନିଜେ ହିଁ ଜାଣି ନଥାଏ, ସେ କେତେବେଳେ କେମିତି କ୍ରୋଧିତ ହୋଇଥାଏ ଓ ଅନ୍ୟ ଉପରେ ଚିଡ଼ିଚିଡ଼ା ପ୍ରକାଶ କରେ । ସବୁ କିଛି ପାଖରେ ଥିଲେ ବି ସେ ଶାନ୍ତିରେ ରହିପାରେ ନାହିଁ । ଏପରି କ୍ରୋଧିତ ହେବା ଯୋଗୁଁ ସେ ବହୁ ଚିନ୍ତାରେ ମଧ୍ୟ ରହେ । ଏମିତି ଅବସ୍ଥାରେ ସେ ଘର ଓ ଅଫିସ ଦୁଇଟି ସ୍ଥାନରେ ମଧ୍ୟ ଚିଡ଼ିଚିଡ଼ା ପ୍ରକାଶ କରେ । ଏପରି ହେବା ଦ୍ୱାରା ସେ ସମସ୍ତଙ୍କର ଅପ୍ରିୟ ହୁଏ । ଆଜିର ଆଧୁନିକ ଜୀବନ ଶୈଳୀରେ ସାଧାରଣତଃ ଯୁବକମାନଙ୍କୁ କ୍ରୋଧ ଭଳି ରୋଗ କାବୁ କରି ରଖିଛି । ଏହା କେବଳ ଯୁବକମାନଙ୍କ କାର୍ଯ୍ୟକୁ ପ୍ରଭାବିତ କରୁଛି ତାହା ନୁହେଁ ବରଂ ଦେଶରେ ଅପରାଧ ସଂଖ୍ୟାକୁ ବୃଦ୍ଧି କରୁଛି । କ୍ରୋଧ ଯୁବପିଢ଼ୀଙ୍କ ଏକ ହବିରେ ପରିଣତ ହେଲାଣି । ଏହାକୁ ସେମାନେ କଣ୍ଟ୍ରୋଲ କରିପାରୁ ନାହାନ୍ତି । ଏପରି ଧୀରେ ଧୀରେ କ୍ରୋଧ ଏକ ରୋଗରେ ପରିଣତ ହୁଏ । ଛୋଟ ଛୋଟ କଥାରେ ରାଗିବା ଅବା କ୍ରୋଧିତ ହେବା ମାନେ ଆପଣ ଡିପ୍ରେସନର ଶିକାର ହୋଇଛନ୍ତି । ଏହା ସିଧାସଳଖ ଭାବରେ ଆମ ମସ୍ତିଷ୍କ ଉପରେ ପ୍ରଭାବ ପକାଏ । ଆଜିର ଯୁବପିଢ଼ି ଟିକେ ରାଗିଗଲେ ପାଗଳ ଭଳି ହୁଅନ୍ତି । ସତେ କି ଯେପରି ସବୁ କିଛି ଧ୍ୱଂସ କରିଦେବେ । ଏହି ସମୟରେ ଆପଣ ଏପରି କାମ କରିପକାନ୍ତି, ଯାହା ପରବର୍ତ୍ତୀ ସମୟରେ ଆପଣଙ୍କର ବହୁ କ୍ଷତି ହୋଇଥାଏ । ବେଳେବେଳେ କ୍ରୋଧକୁ ସାମାନ୍ୟ ମନାଯାଏ, କିନ୍ତୁ ଅନ୍ୟ କେତେକ ସମୟରେ ଏହା ଭୟଙ୍କର ରୂପ ନିଏ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିବାବେଳେ ଆପଣଙ୍କ ଚେହେରାରେ ମଧ୍ୟ ପରିବର୍ତ୍ତନ ଆଣେ । କ୍ରୋଧକୁ ଦୂରେଇବା ବା ଏଥିରେ ବଶୀଭୂତ ନ ହେବା ମୁଖ୍ୟତଃ ନିଜର ଭାବନାକୁ ପ୍ରକାଶ କରିଦେବା ଉଚିତ୍ । ଭାବନାକୁ ମନ ଭିତରେ ଚାପି ରଖିବା ଯୋଗୁଁ କ୍ରୋଧ ଜନ୍ମ ନିଏ । ତେଣୁ ଭାବନାକୁ ପ୍ରକାଶ କରିବା ପାଇଁ ଏକ ଭଲ ବନ୍ଧୁ ବାଛନ୍ତୁ । ଯିଏ ଆପଣଙ୍କ ସମସ୍ତଙ୍କ କଥା ଶୁଣି ଆପଣଙ୍କ ମନକୁ ବୁଝି ପାରୁଥିବ । ସମୟ ସମୟରେ ଆପଣଙ୍କ ବନ୍ଧୁ ତାଙ୍କ ଅଜାଣତରେ କିଛି ଭୁଲ କରିଦିଅନ୍ତି । ଉକ୍ତ ସମୟରେ ସେ ଭୁଲକୁ ବନ୍ଧୁଙ୍କୁ ନଜଣାଇ ତାଙ୍କ ଉପରେ ରାଗିଯାଆନ୍ତି । ଏହାଦ୍ୱାରା ରାଗ ବଢ଼ି ବଢ଼ି ଦିନେ ଭୟଙ୍କର ରୂପ ନିଏ । ତେଣୁ ନିଜର ଭାବନାକୁ ପ୍ରକାଶ କରିଦେଲେ, ଭୁଲଟାକୁ କଥା ଆକାରରେ ଜଣାଇ ଦେଲେ କ୍ରୋଧର ଶୀକାର ହେବାକୁ ପଡ଼ିବ ନାହିଁ । କ୍ରୋଧରେ ଶିକାର ଥିବା ବ୍ୟକ୍ତିମାନେ କିଛି ଲୁଚାଇ ରଖିପାରନ୍ତି ନାହିଁ । ଯେଉଁ କଥାକୁ ବାହାରକୁ ପ୍ରକାଶ କରିବା କଥା ନୁହେଁ କ୍ରୋଧରେ ଥିବା ସମୟରେ ସେ ତାକୁ ପ୍ରକାଶ କରେ । ତା'ସାମନାକୁ ଯେଉଁ ବ୍ୟକ୍ତି ଆସେ ତାକୁ କ୍ରୋଧର ଶୀକାର କରାଏ । ନ୍ୟୁ ଜେନେରେସନ କ୍ରୋଧକୁ ଏକ ହବି ଭାବରେ ଗ୍ରହଣ କରିନେଲେଣି । ସେମାନେ ନିଜର ଫାଇଦା ହାସଲ ପାଇଁ ତତ୍ପର ଥିବାବେଳେ କ୍ଷତି ସହିବା ସେମାନଙ୍କ ପାଖେ ଆଦୌ ସମ୍ଭବ ନୁହେଁ । ତେଣୁ କ୍ରୋଧ ପ୍ରକାଶରେ ଅନ୍ୟକୁ ଭୟଭୀତ କରି ନିଜର ଫାଇଦାକୁ ହାସଲ କରନ୍ତି । ଏହାଦ୍ୱାରା ସହଜରେ ଫାଇଦା ହାସଲ ହେଉଥିବାରୁ ଯୁବସମାଜ ଏହାକୁ ସ୍ୱଭାବର ଏକ ଅଳଙ୍କାର ବୋଲି ମନେ କରୁଛନ୍ତି । କିନ୍ତୁ ଯୁବବନ୍ଧୁମାନେ ଜାଣିନଥାନ୍ତି ଏହାଦ୍ୱାରା ବ୍ୟକ୍ତିତ୍ୱ କିପରି ନଷ୍ଟ ହୁଏ । କ୍ରୋଧିତ ହେବା ଦ୍ୱାରା କେବଳ ଘର ଓ ଅଫିସର ଲୋକମାନେ ପ୍ରଭାବିତ ହୋଇନଥାନ୍ତି । ବରଂ ଏହାଦ୍ୱାରା କାର୍ଯ୍ୟ ଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡ଼େ । ଏହି ସମସ୍ୟାର ଶିକାର ହୋଇଥିବା ବ୍ୟକ୍ତିର ସ୍ମରଣଶକ୍ତି ଓ ଏକାଗ୍ରତା କ୍ଷମତା ବି ହ୍ରାସ ହୋଇଥାଏ । କ୍ରୋଧକୁ ଦୂର କରିବା ପାଇଁ ବ୍ୟକ୍ତି ମଦ୍ୟପାନ, ଧୂମପାନ ଇତ୍ୟାଦି ବଦ ଅଭ୍ୟାସ କରେ । ଏହାଦ୍ୱାରା ପରିବାର ଲୋକେ ଅସୁବିଧାରେ ପଡ଼ିବା ସହ ବାହାର ଲୋକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଆପଣ ଭିତରେ କ୍ରୋଧକୁ ସ୍ଥାନ ଦେଲେ, କ୍ରୋଧ ଆପଣଙ୍କ ପରେ ଶାସନ ଚଳାଏ । ଆପଣଙ୍କୁ ଅନିୟନ୍ତ୍ରଣ କରିଦିଏ ।

ରୋଟାରୀ କ୍ଲବ, କଟକ - ବାରବାଟୀ,
ସିଡ଼ିଏ, କଟକ,
ଦୂରଭାଷ : ୯୮୬୧୫୬୭୫୨୩୭

# ଖୁଦୁରୁକୁଣୀ



କାଳୀ ଦାସ

ଓଡ଼ିଆ ସଂସ୍କୃତି ରେ ସାଧବକୁ ନେଇ ଅନେକ କାହାଣୀ ସ୍ଥାନ ପାଇଛି ।ଓଡ଼ିଆ ସାଧବ ଘର ର ପୁଅମାନେ ବୋଇତ ରେ ଓଡ଼ିଶାରୁ ଅନେକ କିଛି ବିଦେଶ କୁ ନେଇ ସେଠାରେ ବିକ୍ରୀ ବଟା କରୁଥିଲେ ।ଓଡ଼ିଶାର ଲୁଗା ପଟା କାରୁକାର୍ଯ୍ୟ ର ଅନ୍ୟ ଦେଶରେ ବହୁତ ଚାହିଦା ଥିଲା।
ବଣିଜ ବେପାର କରି ସାଧବ ମାନେ ଜୀବିକା ନିର୍ବାହ କରୁଥିଲେ। ଓଡ଼ିଶା ର ପୂର୍ବ ଦିଗରେ ବଙ୍ଗପୋସାଗର ରହିଛି ଏବଂ ଏହି ସାଗର ରେ ରହିଥିବା ଦ୍ୱିପ ଗୁଡ଼ିକ ସାଧବଙ୍କ ର ବ୍ୟବସାୟ ର ମୂଳ କ୍ଷେତ୍ର ଥିଲା।
ସାଧବଙ୍କ ସ୍ମୃତି କୁ ନେଇ ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଏ ଏବଂ ଡଙ୍ଗା ଭାସାଯାଏ।
ସେହିପରି ସାଧବ ଝିଅ ତଅପୋଇ ର ଦୁଃଖ ଓ ସୁଖ କୁ ନେଇ ଖୁଦୁରୁକୁଣୀ ଓଷା ପାଳନ କରାଯାଏ।
ତଅପୋଇ ଧନୀ ସାଧବ ଘରର ଅଳିଅଳ ଝିଅ। ସାତ ଭାଇ ଙ୍କର ନୟନ ପିତୁଳା। ବାପାଙ୍କ ପାଖରେ ଅଳି କରିଛି ସୁନା ଚାନ୍ଦ ପାଇଁ ଏବଂ ଚାନ୍ଦ ଗଢା ହେଉ ହେଉ ତଅପୋଇ ନିଜ ବାପା ଓ ମାଙ୍କୁ ହରାଇଛି ଭାଇମାନେ ବଣିଜ କରିବା ପାଇଁ ଗଲା ପରେ ଭାଉଜ ମାନଙ୍କ ପାଖରୁ ଗଞ୍ଜଣା, ଆତ୍ୟାଚାର ତାକୁ ସହିବାକୁ ପଡ଼ିଛି।
ଭାଇମାନଙ୍କ ପାଇଁ ଶୁଭ ମନାସି ତଅପୋଇ ମଙ୍ଗଳାଙ୍କୁ ପୂଜା କରିଛି। ତଅପୋଇ ପାଖରେ ମଙ୍ଗଳାଙ୍କୁ ଭୋଗ ଲଗାଇ ବା ପାଇଁ କେବଳ 'ଖୁଦ' ରହିଛି ।ବାଡ଼ି ଦାଣ୍ଡ ରୁ ମିଳୁଥିବା ପିଜୁଳି , କାକୁଡି ଓ ଭଜା ଖୁଦ କୁ ତଅପୋଇ ମଙ୍ଗଳା ଙ୍କ ପାଇଁ ବଢ଼ିଛି। ମଙ୍ଗଳା ତଅପୋଇ ଉପରେ ସନ୍ତୋଷ ହୋଇଛନ୍ତି ଓ ତଅପୋଇ ର ସାତ ଭାଇ ଶୁଭରେ ଶୁଭରେ ଘର କୁ ଫେରିଛନ୍ତି ତଅପୋଇ ର ଦୁଃଖ ଦୁର ହୋଇଛି। ଏହି କାହାଣୀ କୁ ଆଧାର କରି ଖୁଦୁରୁକୁଣୀ ଓଷା ଓଡିଶା ର ପୁର ପଲ୍ଲୀ ରେ ପ୍ରସିଦ୍ଧ ହୋଇଛି ।ଭାଦ୍ରବ ମାସ ର ରବିବାର ଦିନ କୁମାରି ଝିଅ ମାନେ ଖୁଦୁରୁକୁଣୀ ଓଷା କରିଥାନ୍ତି। ଖୁଦୁରକୁଣୀ ଓଷା ପାଇଁ ମଙ୍ଗଳା ଙ୍କ ମୂର୍ତ୍ତୀ ସହର ବଜାର ରେ ଦେଖିବାକୁ ମିଳିଥାଏ। ତଅପୋଇ ର ସେହି ଦିନ କୁ ମନେ ପକାଇ ଖୁଦ ଭଜା,ଲିଆ କିମ୍ବା ଉଖୁଡା ସହିତ ଫଳ ମଙ୍ଗଳା ଙ୍କ ପାଖରେ ବଡାଯାଏ ।ଓଷା କରୁଥିବା କୁଆଁରୀ ଝିଅ ମାନେ ଭାଇ ର ମଙ୍ଗଳ ମନାସି ସେ ଦିନ ଉପବାସ ରହି ସନ୍ଧ୍ୟା ରେ ପୂଜା କରିଥାନ୍ତି ।ଶଙ୍ଖ,ହୁଳହୁଳି ଧ୍ୱନି ରେ ଚାରିଦିଗ ଯେମିତି ଉଲ୍ଲସିତ ହୋଇ ଉଠେ ।ଭାଦ୍ରବ ମାସ ଶେଷ ହେଲେ ଖୁଦୁରୁକୁଣୀ ଓଷା ଉଜ୍ଜାପନ ହୁଏ। ଖୁଦୁରୁକୁଣୀ ଓଷା ଉଜ୍ଜାପନ ହେବା ପରେ ମା ମଙ୍ଗଳାଙ୍କ ମୂର୍ତ୍ତୀ କୁ ବିସର୍ଜନ କରାଯାଇଥାଏ।
ପୁଣି ଆଗାମୀ ବର୍ଷ ପାଇଁ ପ୍ରତୀକ୍ଷା ଥାଏ। ଖୁଦୁରୁକୁଣୀ ଓଷା ର ମୂଳ ଲକ୍ଷ ହେଲା ଭାଇ ପାଇଁ ଭଉଣୀ ର ହୃଦେୟ ର ସ୍ନେହ ଓ ଭଲପାଇବା।

*ବ୍ରହ୍ମପୁର,*
*ଖୋଡାସିଂଗ କଳିଙ୍ଗନଗର,*
*ଫୋନ ନମ୍ବର -୭୨୦୫୧୦୦୮୩୯*

# ଶ୍ରୀ ଗଣେଶାୟ ନମଃ



ଯୁଧିଷ୍ଠିର ମହାରଣା

ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ଗଣେଶ ପୂଜା ପାଳନ କରାଯାଏ । ଏହି ପୂଜା ବିଶେଷ କରି ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ, ଆବାଳବୃଦ୍ଧ ବନିତା ସମସ୍ତେ ଏହାକୁ ପାଳନ କରନ୍ତି । କାରଣ ଶ୍ରୀଗଣେଶ କେବଳ ବିଦ୍ୟାଦାତା ନୁହନ୍ତି, ଧର୍ମଦାତା ଓ ସିଦ୍ଧିଦାତା ଭାବରେ ମଧ୍ୟ ଅଗ୍ର ପୂଜ୍ୟ ସ୍ଥାନ ଗ୍ରହଣ କରନ୍ତି । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ହେଉଛନ୍ତି ବିଦ୍ୟା ଓ ବୁଦ୍ଧିର ଦେବତା । ଏଥିସହ ସେ ହେଉଛନ୍ତି ସମସ୍ତ ବିଘ୍ନ ଓ ବିପଦର ବିନାଶକାରୀ । ତେଣୁ ତାଙ୍କର ଅନ୍ୟ ନମା ବିଘ୍ନେଶ ମଧ୍ୟ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି ।

ଓଡ଼ିଶାରେ ଏହି ପୂଜା ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ । ଖାଲି ଓଡ଼ିଶାରେ କାହିଁକି, ସାରା ଭାରତରେ ଗଣେଶ ପୂଜା ପାଳନ କରାଯାଏ । ଏପରିକି ଦିନ ଥିଲା ସୁଦୂର ନେପାଳ, ତିବ୍ବତ, କାମ୍ବୋଡ଼ିଆ, ଚୀନ, ଜାପାନ, ମଙ୍ଗୋଲିଆ ପ୍ରଭୃତି ଦେଶରେ ମଧ୍ୟ ଗଣେଶ ପୂଜା ପ୍ରଚଳିତ ଥିଲା । ହିନ୍ଦୁ ଧର୍ମ ବ୍ୟତୀତ ଜୈନ ଓ ବୌଦ୍ଧ ଧର୍ମରେ ମଧ୍ୟ ଗଣପତିଙ୍କୁ ପୂଜା କରାଯାଏ । ଓଡ଼ିଶାରେ ପ୍ରାୟ ପ୍ରତ୍ୟେକ ଘରେ ଓ ବିଦ୍ୟାଳୟମାନଙ୍କରେ ଏ ଉତ୍ସବ ଅନୁଷ୍ଠିତ ହୁଏ । ସେଦିନ ଅନେକ ଉପବାସ କରନ୍ତି ଓ ବିଦ୍ୟା, ଧନ, ଶୁଭକାମନା କରି ଶୁଦ୍ଧପୁତ ମନରେ ଗଣେଶ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଧାର୍ମିକ କର୍ମର ଆରମ୍ଭରେ ଗଣପତିଙ୍କ ପୂଜା କରାଯାଏ । ଏଥିରେ ଗଣପତି ବାବାଙ୍କୁ ରାଶି ଲଡ୍ଡୁ, ମୋଦକ, ନଡ଼ିଆ ପ୍ରଭୃତି ନୈବେଦ୍ୟ ସହ ଫୁଲ ଓ ଦୁବଘାସ ଦେଇ ପୂଜା କରାଯାଏ । ପୂଜା ଚାଲିଥିବା ସମୟରେ ଗଣେଶ ମନ୍ତ୍ର ଉଚ୍ଚାରଣ କରାଯାଏ । ଏହିପରି ଗଣପତିଙ୍କୁ ପୂଜା କରାଯାଏ । ପୁରାଣ ଅନୁଯାୟୀ ଏହି ଧନ, ବିଦ୍ୟା ଦେବତା ବିଘ୍ନନାଶକ ଗଣପତିଙ୍କ ଜନ୍ମ ସମ୍ପର୍କରେ ଏକ ସୁନ୍ଦର ଗଳ୍ପ ରହିଛି । ମାତା ପାର୍ବତୀ ନିଜ ଅଙ୍ଗକୁ ଗଣପତିଙ୍କୁ ଜନ୍ମ ଦେଇ ଦ୍ୱାରରକ୍ଷକ ଭାବରେ ଜଗାଇଥିଲେ । ଏହି ସମୟରେ ଶିବ ଆଗମନ କରିବାରୁ ଗଣେଶ ତାଙ୍କୁ ବାଟ ଛାଡ଼ିଲେ ନାହିଁ । ତେଣୁ ଦୁଇ ଜଣଙ୍କ ମଧ୍ୟରେ ଯୁଦ୍ଧ ଅନୁଷ୍ଠିତ ହେଲା । ଏହି ଯୁଦ୍ଧରେ ଭଗବାନ ଶିବ ପ୍ରଥମେ ପରାସ୍ତ ହେବାରୁ, ଶେଷରେ ସମସ୍ତ ଦେବତାଙ୍କ ଶକ୍ତି ନେଇ ଯୁଦ୍ଧରେ ଜୟ କଲେ ଏବଂ ଗଣପତିଙ୍କ ମସ୍ତକ ଛେଦନ କଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗଣେଶଙ୍କ ପ୍ରକୃତ ପରିଚୟ ଜଣା ପଡ଼ିବା ପରେ ତାଙ୍କ ଛିନ୍ନମସ୍ତକ ଖୋଜା ଚାଲିଲା । ଶେଷରେ ତାହା ନ ମିଳିବାରୁ ଏକ ହାତୀର ମସ୍ତକ ଛେଦନ କରି ଗଣପତିଙ୍କ ଶରୀରରେ ଲଗାଗଲା ଏବଂ ସଞ୍ଜୀବନୀ ମନ୍ତ୍ରରେ ତାଙ୍କୁ ଜୀବନ୍ୟାସ ମିଳିଲା । ଓଡ଼ିଶାର ପ୍ରାୟ ସବୁ ତୀର୍ଥ ସ୍ଥଳରେ ମନ୍ଦିରମାନଙ୍କରେ ଗଣେଶ ମୂର୍ତ୍ତି ବିରାଜମାନ । ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସ ଅନୁଯାୟୀ କାଞ୍ଚି ବିଜୟ କରି ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ଇଷ୍ଟଦେବତା ଗଣପତିଙ୍କ ମୂର୍ତ୍ତି ଆଣି ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଥିଲେ । ସେହିପରି ଇତିହାସ କହେ ସାର୍ବଜନିକ ସ୍ତରରେ ପୁନେରେ ପ୍ରଥମେ ଗଣେଶ ପୂଜା ମହାରାଜା ଛତ୍ରପତି ଶିବାଜୀଙ୍କ ସମୟରେ ହୋଇଥିଲା । ତାଙ୍କ ପରେ ଏହି ପୂଜା ପାଳନ କରିବା ଏକ ରକମ ବନ୍ଦ ହୋଇଯାଇଥିଲା । କିନ୍ତୁ ସ୍ୱାଧୀନତା ପୂର୍ବରୁ ଲୋକମାନ୍ୟ ବାଳଗଙ୍ଗାଧର ତିଳକ ୧୮୯୩ ମସିହା ପୁଣିଥରେ ଏହାକୁ ସାର୍ବଜନିକ ସ୍ତରରେ ଆୟୋଜିତ କରିଥିଲେ । ଏହା ପରଠୁ ଗଣେଶ ପୂଜା ସାରା ଭାରତରେ ଧୁମ୍‌ଧାମରେ ପାଳନ କରାଯାଉଛି । ଗଣେଶ ପୂଜାର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ମଧ୍ୟ ରହିଛି । ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଏ ଉତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମସ୍ତେ ଭକ୍ତିଭାବରେ ପ୍ରଣୋଦିତ ହୋଇ ମିଳିମିଶି ଏ ଉତ୍ସବରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୁଏ । ଗଣପତି ବାପ୍ପାଙ୍କ ପୂଜା ଭାରତ ସମେତ ବିଦେଶରେ ମଧ୍ୟ ଧୁମ୍‌ଧାମରେ ପାଳନ କରାଯାଏ । କାନାଡ଼ା, ମରିସସ୍, ଇଣ୍ଡୋନେସିଆ, ମାଲେସିଆ, ନେପାଳ ଆଦି ଦେଶରେ ରହୁଥିବା ହିନ୍ଦୁମାନେ ସେଠାରେ ଗଣେଶପୂଜାକୁ ସମ୍ପୂର୍ଣ୍ଣ ବିଧି ଅନୁଯାୟୀ ପାଳନ କରନ୍ତି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*




# ଏସଏଲବିସି, ଓଡ଼ିଶା ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାସଚେତନତା କର୍ମଶାଳା



ଭୁବନେଶ୍ୱର,(ପି.ଏନ): ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାକୁ ପ୍ରୋତ୍ସାହନ ଦେବା ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ତଥା ଏହି ଯୋଜନାର ପ୍ରଚାର ପାଇଁ, ୟୁକୋବ୍ୟାଙ୍କ, ଆବାହକ, ରାଜ୍ୟସ୍ତରୀୟବ୍ୟାଙ୍କର୍ସ ସମିତି (ଏସଏଲବିସି), ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ରଓଡ଼ିଶୀ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଠାରେ ତା ୨୩-୦୮-୨୦୨୪ ଦିନ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାଉପରେ ଏକ ସଚେତନତା କର୍ମଶାଳାର ଆୟ?ଜନ କରାଯାଇଛି ।ଏହି ବୈଠକରେ ବ୍ୟାଙ୍କ ଅଧିକାରୀ,ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ମହାପ୍ରବନ୍ଧକ-ଜିଲ୍ଲା ଶିଳ୍ପ କେନ୍ଦ୍ର, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପ୍ରଶିକ୍ଷକ ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ବନ୍ଧିତ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ଶ୍ରୀ ଗୌତମ ପାତ୍ର, ମହାପ୍ରବନ୍ଧକ ତଥା ଆବାହକ, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସଏଲବିସି), ଓଡ଼ିଶା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ଯୋଜନାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ଡି ପ୍ରଶାନ୍ତ କୁମାର ରେଡ୍ଡୀ (ଭା.ପ୍ର.ସେ.) ତଥା ଶିଳ୍ପ ନିର୍ଦ୍ଦେଶକ ଏହି ଯୋଜନାର ଗୁରୁତ୍ୱ ଓ ଲାଭ ଉପରେ ଆଲୋକପାତ କରିଥିଲେ। କାରିଗରମାନଙ୍କୁ ସେମାନଙ୍କ ଉତ୍ପାଦ ଓ ସେବାର ଗୁଣବତ୍ତା ରେ ଉନ୍ନତି ଆଣିବା ସହିତ ବିଶ୍ୱକର୍ମାଙ୍କୁ ଘରୋଇ ଏବଂ ବିଶ୍ୱ ସ୍ତରୀୟ ମୂଲ୍ୟ ଶୃଙ୍ଖଳାରେ ସମନ୍ୱିତ କରିବା ପାଇଁ ସହାୟତା କରିବା ସରକାରଙ୍କ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ଶ୍ରୀ ମହେଶ କୁମାର ଚୌଧୁରୀ, ସ୍ୱତନ୍ତ୍ର ସଚିବ, ଏମ୍ ଏସ୍ ଏମ୍ ଇ ବିଭାଗ, ଡ. ପ୍ରଜ୍ଞାସ୍ମିତା ସାହୁ, ନିର୍ଦ୍ଦେଶିକା, ସଂସ୍ଥାଗତ ଋଣ,ଅର୍ଥବିଭାଗ, ଓଡ଼ିଶାସରକାର,ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ, ଉପ କମିଶନର,ବିଏମ୍ ସି, ଏମ୍ ଏସ୍ ଏମ୍ ଇ-ଡିଏଫ୍ଓର ଯୁଗ୍ମ ନିର୍ଦ୍ଦେଶକ ତଥା କାର୍ଯ୍ୟାଳୟମୁଖ୍ୟ ଶ୍ରୀ ପି.କେ.ଗୁପ୍ତା,ଆଞ୍ଚଳିକ ନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଓ ଉଦ୍ୟୋଗ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବି ରବି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ। କର୍ମଶାଳାରେ ଯୋଜନାର ବିବରଣୀ ଏବଂ ପଞ୍ଜୀକରଣ ପ୍ରକ୍ରିୟାକୁ ଅଡିଓ ଭିଜୁଆଲ୍ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା ।ହିତାଧିକାରୀଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଦେଇଥିଲେ। ୨୨.୦୮.୨୦୨୪ ସୁଦ୍ଧା ପ୍ରଶିକ୍ଷଣ ଶେଷହେବା ପରେ ବ୍ୟାଙ୍କଗୁଡ଼ିକୁ ମୋଟ୬୦୭୩ଟି ଋଣ ଆବେଦନ ମିଳିଥିଲା। ବ୍ୟାଙ୍କଗୁଡ଼ିକ ୧୪୫୬ଟି ଋଣମଞ୍ଜୁର କରିଥିବାବେଳେ ୯୧୨ଟି ମାମଲାରେ ବିତରଣ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଲିଙ୍ଗରାଜ ନାୟକ, ପ୍ରଭାରୀ, ଏସଏଲବିସି ଓଡିଶା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ ପୋଲିସ କବଜା ରେ ବାଇକ୍ ଲୁଟେରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ସିଟି ଡ଼ିଏସପି

ଭଦ୍ରକ,(ପି.ଏନ): ଲାଇନ ରେ ଛିଡାହୋଇଛି ନାନାଦି କମ୍ପାନୀର ନାମିଦାମି ବାଇକ । କିନ୍ତୁ ଆପଣ ଭାବୁଥିବେ ଏ କେଉଁ ମୋହସ୍ୱବ ର ମୋଟର ସାଇକେଲ ଷ୍ଟାଣ୍ଡ ବୋଲି କିନ୍ତୁ ଏ କେଉଁ ବାଇକ ଷ୍ଟାଣ୍ଡ ନୁହଁ ଏହା ହେଉଛି ଥାନାରେ ଛୀଡା ହୋଇଥିବା ଚୋରି ବାଇକ । ଚୋର ଏହି ସବୁ ବାଇକ କୁ ଚୋରି କରୁଥିଲେ ଓ ପରେ ନମ୍ବର ପ୍ଲେଟ କୁ କାଢି ନିଜ ଚୋର ବୁଦ୍ଧିକୁ ଆପଣେଇ ବାହାର ରାଜ୍ୟକୁ ଚ଼ାଲାଣ କରିବାକୁ ଉଦ୍ୟମ କରୁଥିଲେ କିନ୍ତୁ ଶେଷରେ ପୋଲିସ ର ଜାଲରେ ଫସିଛନ୍ତି ଦୁଇ ବାଇକ ଚୋର । ସୂଚ଼ନା ମୁତାବକ ଗତ ୨୫ ଅଗଷ୍ଟ ରେ ଭଦ୍ରକ ସହର କଚେରି ବଜାର ଫଳ ମାର୍କେଟ ରୁ ଗୋଟିଏ ବାଇକ ଚୋରୀର ରିପୋର୍ଟ ହୋଇଥିଲା ଭଦ୍ରକ ସହରାଞ୍ଚଳ ଥାନାରେ ।ଏହି ମାମଲାର ତଦନ୍ତ ବେଳେ ପୋଲିସ ୪ ଜଣଙ୍କୁ ବାଇକ ଚୋରକୁ ଧରିବାରେ ସକ୍ଷମ ହୋଇଥିଲା ତେବେ ଅଧିକ ତଦନ୍ତ ପରେ ବିଭିନ୍ନ ସ୍ଥାନରୁ ୨୨ ଟି ଚୋରି ବାଇକ ଠାବ କରିବାରେ ସକ୍ଷମ ହୋଇଥିଲା ପୋଲିସ । ଯେଉଁଥିରେ ୮ ଟି ହିରୋ ସ୍ପଲେଡ଼ର ପ୍ଲସ, ହୋଣ୍ଡା ସିବି ସାଇନ ୬ ଟି,



ହିରୋ ସୁପର ସ୍ପଲେଡ଼ର ୧ ଟି, ଟିଭିଏସ ରାଣ୍ଡମ ୨ ଟି, ହୋଣ୍ଡା ଡ୍ରିମ ୟୁଗା ୧ ଟି, ହିରୋ ଏଚ୍ ଏଫ ଡୀଲକ୍ସ ୨ ଟି, ସ୍ପଲେଡ଼ର ପ୍ରୋ ୧ ଟି ଓ ହିରୋ ପାଶନ ପ୍ଲସ ୧ ଟି ରହିଛି । ତେବେ ବାଇକ ଚୋରି ଗ୍ୟାଙ୍ଗ କୁ ଧରିବା ପାଇଁ ଥାନାଧିକାରୀ ଙ୍କ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା ଯେଉଁଥିରେ ୪ ଚୋରଙ୍କୁ ଧରି କୋର୍ଟ ଚ଼ାଲାଣ କରାଯିବାନେଇ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚ଼ନା ଦେଇଛନ୍ତି ସିଟି ଡ଼ିଏସପି ଅଂଶୁମାନ ଦ୍ୱିବେଦି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଅଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସ୍ତୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଙ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟପ୍ତ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ମାଳିକା ବଚନରେ ଅଛି...

'ଆଗ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିଜାରୀ, ଶେଷେ ମରିବେ କୃଷିକାରୀ।' ସୂତ୍ରଧାରୀ ଥିବା ବୃତ୍ତିଜିବୀ ବା ସୂତାର ଭୂଷଣରେ ପରିଚିତ ଥିବା ମନୁଷ୍ୟମାନେ, ଏଠାରେ ପ୍ରଥମେ ପଇତା ପକାଉଥିବା ବ୍ରାହ୍ମଣ, ଗ୍ରହବିପ୍ର, ଦୀକ୍ଷିତ ବ୍ୟକ୍ତି, ସନ୍ନ୍ୟାସୀଙ୍କୁ ବୁଝାଉଛି। ତନ୍ତୀ, ତୁଳାଭିଣା, ସୂତା ବ୍ୟବସାୟୀଙ୍କୁ ସୂତା ନେଇ ବଢ଼ୁବା ଦର୍ଶାଉଛି। ଅରଟରେ ସୂତା କାଟି ନଖ ବଳିତା ପ୍ରସ୍ତୁତକାରୀ ଏମାନଙ୍କୁ ବୁଝାଉଛି। ଅରଟ ଚିହ୍ନ କଂଗ୍ରେସ ପାର୍ଟି ପତାକାରେ ଅଛି। ସେ ଦଳ ବଢ଼େଇମାନେ କାଠରେ ଦାଗ ଦେଇ କାଠ କାଟନ୍ତି, ଧାତବ ଚାଦରରେ ବା ଲୁହାଖଣ୍ଡରେ ଚକ ଖଡ଼ି ପେନସିଲର ସୂତାର ଦାଗ ଦେଇ ଗ୍ରାମ୍ୟ କମାର ଲୁହା ବା ଧାତୁଖଣ୍ଡକୁ ବିଚ୍ଛିନ୍ନ କରନ୍ତି। ଏମାନେ ବି ସୂତ୍ରଧର କୁମ୍ଭାର ହାଣ୍ଡି ମାଠିଆଦି ମାଟି ପିଣ୍ଡୁଳାକୁ ଚକ୍ରରେ ଘୁରାଇ ହାତକୌଶଳରେ ତାର ରୂପର ଉପରଭାଗ ପ୍ରସ୍ତୁତ କରି ଏକ ସୂତାରେ ଚକ୍ର ଉପର ମାଟିରୁ ବିଚ୍ଛିନ୍ନ କରନ୍ତି ଅତଏବ ଏବି ସୂତ୍ରଧର ଏମିତି କିଛି ସୂତ୍ରଧାରୀ ପ୍ରତ୍ୟକ୍ଷରେ ରହିଁଛନ୍ତି। ଭିନ୍ନ ସୂତ୍ରଧାରୀ ହେଲେ ଏକ ସମ୍ଭବନାକୁ ବୃତ୍ତି ରୂପେ ପସନ୍ଦ କରି ଜୀବିକା ଚଳାନ୍ତି। ଏ ମଧ୍ୟରେ ଓକିଲଙ୍କ ପରି ଆଇନଜୀବୀ, ବ୍ୟବହାରଜିବି, ମୋହରିର ମଧ୍ୟସ୍ଥି, ଦଲାଲ, ଖବରକାଗଜରେ ବୃତ୍ତି ଚଳାଉଥିବା ମାସିକ ପାକ୍ଷିକ ସପ୍ତାହି ପତ୍ରିକା ସମ୍ପାଦନକାରୀ ଜ୍ୟୋତିଷୀ, ଗାଡ଼ି ମାଲିକ ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଗ୍ୟାରେଜ ଏ ସମ୍ବନ୍ଧ ବୃତ୍ତିରେ, ଜୀବିକାଧାରୀ, ଶିକ୍ଷା ଅନୁଷ୍ଠାନ, ଘରୋଇ ଶିକ୍ଷକ, ଏମଧ୍ୟରେ ଆସିବେ ଯେଉଁମାନେ ସୂକ୍ଷ୍ମ ସୂତ୍ରରେ ବଢୁଛନ୍ତି। ସଙ୍ଗୀତଜ୍ଞ ଅପେରା ପାର୍ଟିର ନଟନଟୀ ବାଜାଦାର, ଫିଲମ ଧନ୍ଦା, ନର୍ତ୍ତନ ବିଦ୍ୟାରେ ଜଡ଼ିତ ଏମାନେ ବି ସୂକ୍ଷ୍ମ ସୂତ୍ରଧର ଧନ୍ଦାରେ ଜୀବିକା ଚଳାନ୍ତି। ଏସବୁ ସୂତ୍ରଧାରୀ ଧନ୍ଦାରେ ଆସି ତାଙ୍କୁ ଆଗ ନାଶ ଦିଗକୁ ଭିଡ଼ିବ। ତନ୍ତୀଙ୍କର ସୂତା ନ ହେଲେ ବୃତ୍ତିନାହିଁ। କାଳକ୍ରମେ ବଡ଼ ବଡ଼ କାରଖାନାରେ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ସୂତା ଛଡ଼ାଗଲା ନାହିଁ। ଶେଷରେ ସୂତାକଳ, ଲୁଗାକଳ ଚଟକଳ ପରି ସଂସ୍ଥାରେ ବୃତ୍ତି ଧରିବା ଲୋକେ କାରଖାନାର କଳ ବନ୍ଦ ଯୋଗୁ ବେକାର ହୋଇ ଗୃହାଭିମୁଖୀ ହେଲେ। ଏହି ସୂତ୍ରଧରଙ୍କ କାହାଣୀ ବହୁ ଦୁଃଖଦ। ବାଣିଜ୍ୟକାରୀମାନେ ଅନେକ ବଡ଼ରୁ ଅନେକ ଛୋଟ ଅଛନ୍ତି। ଛୋଟ ବଣିଜଙ୍କର ଆସ୍ଥା ବଡ଼ ବାଣିଜ୍ୟ ସଂସ୍ଥାରେ ଥାଏ। ଏ ପାଇଁ ପାଇକାରୀ ଖୁଚୁରା ଧନ୍ଦା ଥାଏ। ପଣ୍ୟଦ୍ରବ୍ୟ ସଂଗ୍ରହ କରି ଏକାଠି କରି ରଖି ତାକୁ ଖୁଚୁରା ବଣିକଙ୍କ ଦ୍ୱାରା ଖାଉଟି ଗ୍ରାହାକଙ୍କ ପାଖରେ ପହଇବ ପପାଯା କାର୍ଯ୍ୟ ସର୍ବଦା ଚାଲିଆସେ। ମାତ୍ର ଏମିତି ସମୟ ଆସିଲା ପଣ୍ୟ ଦ୍ରବ୍ୟ ପ୍ରସ୍ତୁତ ସ୍ଥାନ ଉପରେ ବଡ଼ ବଣିକଙ୍କର ଅଧିକାର ଆସିଗଲା ଓ ବଜାର ଭାଉ ନିୟନ୍ତ୍ରଣ କ୍ଷମତା ତାଙ୍କ ହାତକୁ ଆସିଗଲା। ସେମାନେ ଖୁଚୁରାଙ୍କୁ ଦେଖିବାକୁ ଆଉ ପସନ୍ଦ ନକରି ସିଧାସିଧା ଖାଉଟିଙ୍କୁ ବିକ୍ରୟ ପାଇଁ ଚେଷ୍ଟା ଆରମ୍ଭ କଲେ। ସରକାର କରିଥିବା ସହଯୋଗ ସମିତି ନିୟମକୁ କୌଶଳରେ ଆପଣେଇ ରାଜକର ରିହାତି ର ବି ଉପଭକ୍ତା ହୋଇଗଲେ। ଫଳରେ ପଣ୍ୟଦ୍ରବ୍ୟର ବହୁ ଅଭାବ, ଖୁଚୁରା ବଣିକଙ୍କ ବାଣିଜ୍ୟ ଉପରେ ଆଘାତ ତାଙ୍କ ପାଖରୁ ଦ୍ରବ୍ୟ କିଣିଲେ ମହଙ୍ଗା ମଲ୍‌ରୁ କିଣିଲେ ଶସ୍ତା ଏପରି ସ୍ଥଳେ ଛୋଟ ବଣିକ କ୍ଷତି ସହିବାରୁ ବଢ଼ୁବା ଦୂରୁହ। ହାଟ ବଜାର ସ୍ଥଳକୁ କାନୁନ ସ୍ଥାନାନ୍ତର ହଠାତ୍ କରାଇ ଦେବାରୁ ଦ୍ରବ୍ୟ ସଂରକ୍ଷଣ ଧାରା ଗଣ୍ଡଗୋଳ ହେଲା ଓ ସମୟ ଧାର୍ଯ୍ୟରେ ଦୋକାନ ଖୋଲା ବନ୍ଦ ବୋଝ ଉପରେ କୋରଡ଼। ଆସିଲା। ଏଥିରେ ନିଶ୍ଚେ ବିକ୍ରୟ ହେବା ସମ୍ଭାବନା ବିଲୁପ୍ତ ହୋଇ ବଣିଜାରୀଙ୍କୁ ଶେଷ କଲା। ପୁଣି ଲୋକ ଏକାଧିକ ଜମି ପାରିବେ ନାହିଁ ନିୟମରେ ମଲ୍ ଗୁଡ଼ିକ ବନ୍ଦ ହୋଇ କଞ୍ଚାଦ୍ରବ୍ୟ ଓ ମିୟାଦଯୁକ୍ତ ଦ୍ରବ୍ୟ ନଷ୍ଟ ହେଲା ଏଥିରେ ବଣିଜାରୀ ମାନେ ଶେଷ ହେଉଛନ୍ତି ନା ନାହିଁ। କୃଷିକାରୀମାନେ ଶେଷରେ ମରିବେ ଅର୍ଥ ଯେ ଚାଷ କରନ୍ତି ସେ ତାଙ୍କ କୁଟୁମ୍ବ ପାଇଁ ଶସ୍ୟ ପନିପରିବା ଆଗ ରଖନ୍ତି। କୌଣସି ଟିକେ ଖାଇ ଢ଼ୋକେ ପିଇ ସମୟ କାଟନ୍ତି। ଦିଗଛ ଶାଗ, ସଜନା ଶାଗପତ୍ର, ଲଙ୍କା, ଅମୃତଭଣ୍ଡା, ନଡ଼ିଆ, କଦଳୀ, ମାଟିଆଳୁ, ସାରୁ, ପିତା ଭାଡି କଖାରୁ, ଜହ୍ନି, ଛଚିନ୍ଦା, ପୋଇରେ କୃଷିକାରୀ ତାର ଘର ଚଳାଇ ଆସୁଛନ୍ତି। ବିଲରୁ ଧାନ-ମୁଗ, ବିରି, କୋଳଥ, ମାଣ୍ଡିଆ ବର୍ଷକ ଆହାର ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇବା ଚିନ୍ତାରେ ରହୁଥିବାରୁ ପ୍ରକୃତରେ ଏମାନେ ମରୁଡ଼ି ଦୁର୍ଭିକ୍ଷ ମଡ଼କରେ ବି ରହିଯାଇ ପାରନ୍ତି ବା ଶେଷରେ ଶେଷ ହୁଅନ୍ତି। ଶାସ୍ତ୍ରକାରଙ୍କ ଭବିଷ୍ୟତ ଦର୍ଶନ ଯଥାର୍ଥ ଓ ଠିକ୍ ଏହି କରୋନା ଭୋଗ ସମୟ ଏହି ପ୍ରମାଣ କରିଦେଉଛି।

# ଓଡିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ 'ଓଡ଼ିଆ ଭାଷା ସଂପାନ' ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍)-ଓଡିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଓଡିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଓଡିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କର ସଭାପତିତ୍ୱରେ ଏକ ସ୍ୱତନ୍ତ୍ର 'ଓଡିଆ ଭାଷା ସଂପାନ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସଭାପତି ଶ୍ରୀଯୁକ୍ତ ଦାସ କହିଥିଲେ ଯେ, ଓଡିଆ ଆମର ମାତୃଭାଷା। ଆମର ମାତୃଭାଷାର ସୁରକ୍ଷା ଏବଂ ବିକାଶ କ୍ଷେତ୍ରରେ ଯୁବପିଢୀମାନଙ୍କର ଗୁରୁଦାୟିତ୍ୱ ରହିଛି। ତେଣୁ ତାଙ୍କ ମନରେ ଭାଷାପ୍ରୀତି ସୃଷ୍ଟି କରିବା ଆମର ପ୍ରାଥମିକ ଦାୟିତ୍ୱ। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରଥ ଉଦ୍‌ଘାଟନ କରିବା ସହ ତାଙ୍କ ଉଦ୍‌ଘାଟନୀ ଭାଷଣରେ କହିଥିଲେ ଯେ ଭାଷା ପ୍ରତିଷ୍ଠାନ ତରଫରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ବେଶ୍ ଉତ୍ସାହଜନକ। ଆମ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିବା ଅତ୍ୟନ୍ତ ଗୌରବର ବିଷୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ଡଃ. ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ପଣ୍ଡା ଶାସ୍ତ୍ରୀୟ ଭାଷାର ଉତ୍ସ ସମ୍ପର୍କରେ ଏକ ଗବେଷଣାତ୍ମକ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ବାଉରୀ ବନ୍ଧୁ ସାହୁ ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ଭାଷା ଓ ଭାବ ଉପରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କବି ସମ୍ରାଟ ଉପେନ୍ଦ୍ର ଭଂଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତ ଚରଣ ଦାସ ପ୍ରମୁଖ କବିମାନଙ୍କର ପଙ୍‌କ୍ତି ଉଦ୍ଧାର କରି ତାଙ୍କର ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଆଲୋଚକ ପ୍ରଫେସର ଡଃ ରମେଶ ଚନ୍ଦ୍ର ବେହେରା ଯୋଗାଯୋଗର ଭାଷା ଓଡିଆ ଶୀର୍ଷକ ଉପରେ ଏକ ତଥ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ପ୍ରଫେସର ମହାପାତ୍ର ଓଡିଆ ଭାଷାର ଐତିହ୍ୟ ଉପରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ଡକ୍ଟର ନନ୍ଦ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟା ଡଃ ସନ୍ତୋଷିନୀ ମହାନ୍ତି ସୁଚାରୁରୂପେ ପରିଚାଳନା କରିଥିଲେ। ଡକ୍ଟର ଶାଶ୍ୱତୀ ସୌମ୍ୟା ସାହୁ ଏବଂ ଡକ୍ଟର ଗୀତାଂଜଳୀ ପଲେଇ ପ୍ରମୁଖ ମଂଚ ପରିଚାଳନା କରିଥିବାବେଳେ ଶ୍ରୀମତୀ ଶୋଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀ, ଅଧ୍ୟାୟୀ, ଗବେଷକ, ଗବେଷିକା, ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଞ୍ଜ। ପରୀକ୍ଷାମୂଳକ ଭାବେ ପେମ୍ବିଏଞ୍ଜକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଞ୍ଜର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଞ୍ଜ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଞ୍ଜ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

# ଆଇନଜୀବୀମାନଙ୍କୁ ବୁଷ୍ଟର ଡୋଜ୍ ଟୀକା ପ୍ରଦାନ ଓ ଚକ୍ଷୁ ପରୀକ୍ଷା ଶିବିର

ଚଣ୍ଡିଖୋଲ (ପିଏନ)- ଚଣ୍ଡିଖୋଲ ସ୍ଥିତ କୋର୍ଟ ବାର ଆସୋସିଏସନ୍ ପରିସରରେ ବିଚାରପତି, ଆଇନ୍‌ଜୀବୀ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ବୁଷ୍ଟର ଡୋଜ୍ ଟୀକାପ୍ରଦାନ କରାଯାଇଛି। ଦ୍ୱିତୀୟ ଡୋଜ୍ ଟୀକା ନେବାର ୯ ମାସ ପରେ ଏହି ଟୀକା ଦିଆଯିବାର ସରକାରୀ ନିର୍ଦ୍ଦେଶନାମା ଜାରୀ ହେଲା ପରେ ବିଭିନ୍ନ ବର୍ଗର ଲୋକମାନଙ୍କୁ କରୋନା ଟୀକାର ତୃତୀୟ ପର୍ଯ୍ୟାୟ ତଥା ବୁଷ୍ଟା ଡୋଜ୍ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବୁଷ୍ଟର ଡୋଜ୍ ଟୀକା ଦେବା ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଶ୍ମିରଂଜନ ପଶାୟତଙ୍କ ତତ୍ତ୍ୱାବଧାନରେ ବୁଷ୍ଟର ଡୋଜ୍ ଟୀକା ପ୍ରଦାନ କରାଯାଇଥିଲା। ଏଥିରେ ସବ୍-ଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁ, ଜେଏମଏଫସି ତସଲିମା ଦାସଙ୍କ ସମେତ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ୧୬୫ରୁ ଊର୍ଦ୍ଧ୍ୱ ଆଇନଜୀବୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀ ଏହି ଟୀକା ନେଇଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଫାର୍ମାଶିଷ୍ଟ ସେକ୍ ରିଆଜୁଦ୍ଦିନ୍, ଷ୍ଟାଫ୍ ନର୍ସ ସସ୍ମିତା ଲେଙ୍କା ବୁଷ୍ଟର ଡୋଜ୍ ଟୀକା ପ୍ରଦାନ କରିଥିଲେ। ସେହିପରି କୋର୍ଟ ପରିସରରେ ସାଇନେତ୍ର ଚକ୍ଷୁ ମେଡ଼ିକାଲ ତରଫରୁ ଭୂମିଶ୍ରୀ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୁଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚକ୍ଷୁ ବିଶେଷଜ୍ଞ ସଂଧ୍ୟା ସାଗରୀକା ଦାଶ, ଷ୍ଟାଫ୍ ନର୍ସ ଶୁଭଦ୍ରା ବେହେରା, ରୋହିତ୍ କୁମାର ରାଉତ, ରୁବି ସେଠୀ, ସ୍ୱୟଂପ୍ରକାଶ ପଣ୍ଡା ୬୦ ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଶିବିରକୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ସଂପାଦକ ପ୍ରକାଶ କୁମାର ଦାଶ, ଉପ-ସଭାପତି ଶ୍ରୀକାନ୍ତ କୁମାର ବଳ, ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି, କିଶୋର କୁମାର ନାୟକ, ଶରତ କୁମାର ଷଡ଼ଙ୍ଗୀ, ଜ୍ୟୋତି ଶଙ୍କର ମହାପାତ୍ର, ନଳିନୀକାନ୍ତ ମିଶ୍ର, ଚିନ୍ମୟ କୁମାର ପ୍ରତାପ, କୁମର ପ୍ରସାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟିକ ଇଂ.ନିରାକାର ମହାଲିକଙ୍କ ସ୍ମୃତିସଭା

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା କାର୍ଯ୍ୟାଳୟରେ ଓଡିଶାର ଜଣେ ବରିଷ୍ଠ ଲେଖକ ଓ ଗବେଷକ ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବିଶିଷ୍ଟ ସ୍ତମ୍ଭକାର ଏବଂ ସାହିତ୍ୟିକ ସୌମେନ୍ଦ୍ର କୁମାର ଜେନା କହିଲେ ଯେ, ଏକ ସରଳ, ନିରଳସ, ନିଷ୍ପାପର ଏବଂ ନୀରବ ସାଧକ ସ୍ୱର୍ଗତ ଇଂ. ନିରାକାର ମହାଲିକ ରାଷ୍ଟ୍ରୀୟ ବିଚାରଧାରାକୁ ସଦାସର୍ବଦା ଅଗ୍ରାଧିକାର ଦେଉଥିଲେ। ବୃତିରେ ଇଂଜିନିୟର ହୋଇଥିବା ସତ୍ତ୍ୱେ ପ୍ରବୃତିରେ ସିଏ ଥିଲେ ସାହିତ୍ୟ ସାଧକ। ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ଗବେଷଣାତ୍ମକ ଏବଂ ତଥ୍ୟପୂର୍ଣ୍ଣ। ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ମଧ୍ୟରେ ଭାରତୀୟ କାଳର ବିଶ୍ୱରୂପ, ମନସ୍ୱୀ ବିକ୍ରମଦେବ ବର୍ମା, କନ୍ଧକବି ଭୀମଭୋଇ, ଆର୍ଯ୍ୟପରମ୍ପରା ଓ ଓଡିଶାର ସାମରିକ ସଂସ୍କୃତି,ରେଢାଖୋଲ ଇତିହାସ, ଶ୍ରୀ ହରିଶଙ୍କର, ଶ୍ରୀ ନୃସିଂହନାଥ, ବେଦବ୍ୟାସ, ମଧାହ୍ନର ସ୍ୱର, ଇଂ. ସାର ବିଶ୍ୱେଶରାୟା ଏବଂ ନାଟ୍ୟରଥି ଗୋପାଳ ଦାସ ଆଦି ଉଲ୍ଲେଖନୀୟ। ଏହାଛଡା ଓଡିଶାର ଏକ ପ୍ରମୁଖ ନିର୍ମାଣ ହିରାକୁଦ ନଦୀବନ୍ଧର ଅନ୍ୟତମ ପୁରୋଧା ତତ୍କାଳୀନ ରାଜ୍ୟପାଳ ଅଯୋଧାନାଥ ଖୋସଲାଙ୍କ ଜୀବନୀ ଉପରେ ଏକ ଇଂରାଜୀ ବହି ମଧ୍ୟ ରଚନା କରିଛନ୍ତି। ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କୁ ଜଣେ ସରଳ ଦରଦୀ ହୃଦୟବ୍ୟକ୍ତି ଭାବରେ ବର୍ଣ୍ଣନାକରି ଏହି ସ୍ମୃତି ଚାରଣ କାର୍ଯକ୍ରମରେ ଉପସ୍ଥିତ ବ୍ୟକ୍ତିଗଣ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ପତି, ସ୍ତମ୍ଭକାର ସମନ୍ୱୟ ନନ୍ଦ, ସ୍ତମ୍ଭକାର ଅନୀଲ ବିଶ୍ୱାଳ, ଅଶୋକ ସାହୁ, ଅଧିବକ୍ତା ଲକ୍ଷ୍ମୀଧର ଦାଶ, ନାରାୟଣ ଦାସ ମାଓ୍ୱତଓ୍ୱାଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଆଦି ଉପସ୍ଥିତ ଥିଲେ।

# ବିଶ୍ୱ ପରିବେଶ ଦିବସ ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବୃକ୍ଷରୋପଣ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ, ସାଂସ୍କୃତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତସ୍ଥିତ ଉତ୍ତରେଶ୍ୱର ମନ୍ଦିର ପରିସରରେ ବୃକ୍ଷରୋପଣ, ସଫେଇ କାର୍ଯ୍ୟକ୍ରମ ଏବଂ ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ବାଦ ସାହିତ୍ୟ ଘରର ଯାଜପୁର ଶାଖାର ସଭାପତି ତଥା ସମାଜସେବୀ ସନ୍ତୋଷ କୁମାର ନନ୍ଦ, ସମ୍ବାଦର ଯାଜପୁର ଜିଲ୍ଲା ପ୍ରତିନିଧି ଅରୁଣ କୁମାର ରାଉତରାୟ, ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ତଥା ସାମ୍ବାଦିକ ହରିହର ସ୍ୱାଇଁ, କନକ ଟିଭିର ଯାଜପୁର ପ୍ରତିନିଧି ଅନିଲ କୁମାର ପଣ୍ଡା ଯୋଗଦେଇ ପ୍ରଥମେ ବୃକ୍ଷରୋପଣ କରିବା ସହିତ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ତାହାପରେ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ପ୍ରକାଶ ଥାଉକି ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ସଚେତନତା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପାଳନ କରାଯାଇଥିଲା। ଏହି ଦିବସରେ ସମସ୍ତେ ଶପଥ ନେଇ ପ୍ରତ୍ୟେକଙ୍କ ଘର ବାଡ଼ିରେ ହେଉ, ସ୍କୁଲ ପରିସର ହେଉ କିମ୍ବା ମନ୍ଦିର ପରିସର ହେଉ ଗଛ ଲଗାଇ ତାହାକୁ ଲାଳନପାଳନ କରି ବଢ଼ାଇବା ସମସ୍ତଙ୍କ ଦାୟିତ୍ୱ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ଏଭଳି ମହତ କାର୍ଯ୍ୟକ୍ରମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ତାହାପରେ ଅନୁଷ୍ଠାନ ପକ୍ଷରୁ ପରିବେଶ୍‌ବିତ୍ ଅଶୋକ କୁମାର ପାଣିଗ୍ରାହୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାହାସହିତ ସାମ୍ବାଦିକ ଅନିଲ କୁମାର ପଣ୍ଡା ଏବଂ ଗୋପାଳ ଚନ୍ଦ୍ର ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଉପସଭାପତି ଉପେନ୍ଦ୍ର କୁମାର ଜେନା, ସଂଗଠନ ସମ୍ପାଦକ ଧନଞ୍ଜୟ ନାୟକ, ମଧୁସୂଦନ ମହାନ୍ତି, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଜିତେନ୍ଦ୍ର ସାହୁ, ସୁରଜ ପଣ୍ଡା, ଆଦିକନ୍ଦ ପଣ୍ଡା, ମମତାରାଣୀ ଜେନା, ମାମାଲି ସାହୁ, ଗୋପାଳ ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ନାୟକ, ଅରବିନ୍ଦ ମହାନ୍ତି, ଉତ୍କଳିନୀ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତତ୍‌ସହିତ ଜାମୁଖଳା ଓ ଉତ୍ତରେଶ୍ୱର ଗ୍ରାମବାସୀ ସୁରେଶ ମହାପାତ୍ର, ଆଲୋକ ଜେନା, ଅକ୍ଷୟ କୁମାର ମଲ୍ଲିକ, ମଳୟ ଜେନା, ଅମିୟ ମଲ୍ଲିକ, କୁଳମଣି ଜେନା, କାଳିଆ ଜେନା, ଶିବପ୍ରସାଦ ଜେନା, ସମାଜସେବୀ ଘନଶ୍ୟାମ ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ଏହି ସମସ୍ତ କାର୍ଯ୍ୟକୁ ସଂଚାଳନା କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବିଜେପି ସମସ୍ତ ମଣ୍ଡଳରେ ସଦସ୍ୟତା ଅଭିଯାନ କର୍ମଶାଳା



ତାଳଚେର,(ପି.ଏନ):ବିଜେପି ତାଳଚେର ର ସମସ୍ତ ୬ ଟି ମଣ୍ଡଳ ରେ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ତାଳଚେର ପୌର ମଣ୍ଡଳ ପକ୍ଷରୁ ଦେଉଳବେଡା ଠାରେ ସାଧାରଣ ସମ୍ପାଦକ ନିରୋଜ ଦାସ ଙ୍କ ସଂଯୋଜନା ରେ ଅନୁଷ୍ଠିତ କର୍ମଶାଳା ଜିଲ୍ଲା ସଦସ୍ୟତା ଅଭିଯାନ ସହ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ନିଜେ ସଦସ୍ୟ ହେବା ସହ ପରିବାର ଏବଂ ନିଜ ବୁଥ ସ୍ତରରେ ଘର କୁ ଘର ଯାଇ ଅଧିକ ରୁ ଅଧିକ ସଦସ୍ୟ କରିବା ଉପରେ ଆହ୍ୱାନ ଦେଇଥିଲେ ।ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ସଦସ୍ୟତା ଅଭିଯାନ ର ରୂପରେଖ ଉପରେ ଆଲୋକପାତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅଖିଳ ସାମଲ, ଜ୍ଞାନେନ୍ଦ୍ରୀୟ ସେଠି, ସଂଯୁକ୍ତା ମହାରଣା, ସଂକଳ୍ପ ସାହୁ,ମନୋଜସ୍ୱାଇଁ, କାଉନ ସିଲର ସ୍ୱାଧୀନ ଥପ୍ପ ଓ ଅନିତା ବିଶ୍ୱାଳ ଓ ସନ୍ତୋଷ ବେହେରା, ପୁର୍ଣଚନ୍ଦ୍ର ବେହେରା, ରାଜେଶ ଦଳେଇ, ଜଗଦୀଶ ସିଂହ, ବିଜୟ ନାଏକ, ବାଲ୍ମୀକି ପ୍ରସାଦ କେଶରୀ, ଅକ୍ଷୟ ବିଶ୍ୱାଳ ,ବିଶ୍ୱରଂଜନ ତୁଙ୍ଗ, ସୁବ୍ରତ ସାହୁ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ସେହିପରି ହିଙ୍ଗୁଳା ମଣ୍ଡଳ ରେ ରାଜେନ୍ଦ୍ର ସିଂହ, ଗୋପାଳ ସାହୁ, ବ୍ରାହ୍ମଣୀ ମଣ୍ଡଳ ରେ ନରେଶ ଚନ୍ଦ୍ର ବେହେରା, ଲୋକନାଥ ସାହୁ , ନରେଶ ଚନ୍ଦ୍ର ଦାସ, ଖଇରା ପ୍ରଧାନ, ଅଜୟ ସାହୁ, ରେଳ ମଣ୍ଡଳ ରେ ବରୁଣ ସାହୁ, ପ୍ରଶାନ୍ତ ନନ୍ଦ, ସହଦେବ ସାହୁ, ବୃନ୍ଦାବନ ବେହେରା ଙ୍କ ସମେତ ସମସ୍ତ ମଣ୍ଡଳ ରେ ମଣ୍ଡଳ କମିଟି ର ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରରେ କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

## ବ୍ୟାଙ୍କ ଶାଖା ପରିସରରେ ସମ୍ପାଦକ ସ୍ୱର୍ଗତ ରଞ୍ଜନ ମାଝୀଙ୍କ ଶୋକସଭା



ଧାମନଗର,(ପି.ଏନ): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଧାମନଗର ଶାଖ ପରିସରରେ ସମିତି କର୍ମଚ଼ାରୀ ସଂଘ ପକ୍ଷରୁ ଧୁଷୁରୀ ଏବଂ ପାଳସାହି ସମବାୟ ସମିତି ସମ୍ପାଦକ ସ୍ୱର୍ଗତ ରଞ୍ଜନ କୁମାର ମାଝୀଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।ବାଲେଶ୍ୱର-ଭଦ୍ରକ ସମବାୟ ସମିତି କର୍ମଚ଼ାରୀ ସଂଘର ସାଧାରଣ ସମ୍ପାଦକ ଅରୁଣ ଉଦୟନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ସମ୍ମାନିତ ଅତିଥି ଭାବେ ଶାଖାର ମୁଖ୍ୟ ପରିଚ଼ାଳକ ଧନୁର୍ଦ୍ଧର ସାହୁ,ପାଳସାହି ସମବାୟ ସମିତି ସଭାପତି ଭାଗବତ ଖଟୁଆ,ସମିତି ସମ୍ପାଦକ ଗଣ ତଥା ରାମଚ଼ନ୍ଦ୍ର କର,ବସନ୍ତରାଜ ସାହୁ,ସଂଘ ସଭାପତି ପ୍ରକାଶ ଚ଼ନ୍ଦ୍ର ରାଉତ,ବିଳାସ ମହାପାତ୍ର,ବିନୟ କୁମାର ଦଳାଇ, ରାମଚ଼ନ୍ଦ୍ର ଦାସ, ଉକ୍ତ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚ଼ାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରଞ୍ଜନ ମାଝୀଙ୍କ ଫଟୋଚ଼ିତ୍ରରେ ମାଲ୍ୟାପଣ କରିଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday August 29 2024 | ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୨୯,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ବାଲଡ଼ା ନାଗେଶ୍ୱରୀ ପାହାଡ଼ରୁ ବକ୍ସାଇଟ ଖଣି ଖନନକୁ ଅଞ୍ଚଳ ବାସୀଙ୍କ ପ୍ରବଳ ତୀବ୍ର ବିରୋଧ

### ୩ ହଜାର ଲୋକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଦାବିପତ୍ର



ନନ୍ଦପୁର(ପି ନ ଏ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ବାଲଡା ନିକଟସ୍ଥ ନାଗେଶ୍ୱରି ପାହାଡ଼ରୁ ବକ୍ସାଇଟ ଉତ୍ତୋଳନକୁ ପ୍ରଭାବିତ ଗ୍ରାମବାସୀ ପ୍ରବଳ ବିରୋଧ କରିଛନ୍ତି। ସରକାରଙ୍କ ନିଷ୍ପତିକୁ ବିରୋଧ କରି ମଙ୍ଗଳବାର ବାଲଡା, ବାଡେଲ, ଭେଜା, କୁଲାବିର୍ ଏବଂ ଅତଣ୍ଡା ପଞ୍ଚାୟତ ଅନ୍ତର୍ଗତ ୧୨୨ ଖଣ୍ଡ ଗ୍ରାମର ୩ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ନନ୍ଦପୁର ବ୍ଲକ ବୁଡ଼ି ଅଞ୍ଚଳ ବିକାଶ ପରିଷଦ ସଭାପତି ଆକାଶ ଖିଲ, ମା ନାଗେଶ୍ୱରୀ ପାହାଡ଼ ବଞ୍ଚାଅ ଅଭିଯାନ ସଭାପତି ବିକ୍ରମ ସୀସା,ଉପାଧ୍ୟକ୍ଷା ତଥା ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, କୋଷାଧ୍ୟକ୍ଷ ଲବ ଖିଲ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଭାତ ଗୁରୁମାଇ, ଭେଜା ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳଭଦ୍ର ସୀସା ପ୍ରମୁଖଙ୍କ ନେତୃତ୍ୱରେ ମଙ୍ଗଳବାର ୫ ହଜାରରୁ ଉର୍ଦ୍ଧ୍ୱ ପ୍ରଭାବିତ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ବକ୍ସାଇଟ ଖନନକୁ ବିରୋଧ କରୁଥିବା କହିଛନ୍ତି। ୨୦୦୮ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାଗେଶ୍ୱରୀ ପାହାଡ଼ ପରିଦର୍ଶନ କରିଥିଲେ। ନାଗେଶ୍ୱରୀ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶରେ ସେ ଅତ୍ୟନ୍ତ ଖୁସୀ ହୋଇ ନାଗେଶ୍ୱରୀ ପାହାଡ଼କୁ ଇକୋ ଟୁରିଜିମ୍ ଭାବେ ନିର୍ମାଣ କରିବାକୁ ପର୍ଯ୍ୟଟନ ଓ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ପାହାଡ଼ ଉପରେ ପୋଖରୀ ଖନନ ସହ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟ କରଣ କରା ଯାଇଥିଲା। ଏହା ଦ୍ୱାରା ସ୍ଥାନୀୟ ଲୋକେ କିଛି ରୋଜଗାର କରିବାର ସୁଯୋଗ ସୃଷ୍ଟି ହୋଇଥିଲା। ବର୍ତ୍ତମାନ୍ ଯଦି ଖଣି ଖନନ କରା ଯାଏ ସେ ସବୁ ନଷ୍ଟ ହେବା ସହ ଅନେକ ଲୋକ ରୋଜଗାର ହରାଇବେ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଜଲାପୁଟ ଡ୍ୟାମ ଯୋଗୁଁ ବିସ୍ଥାପିତ ୪୦ ହଜାର ପରିବାର ୬୦ ବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଉପଯୁକ୍ତ କ୍ଷତି ପୂରଣ ପାଇ ନାହାନ୍ତି, ଆଜି ମଧ୍ୟ ସେମାନେ ବିସ୍ଥାପିତ ଜୀବନ କାଟୁଛନ୍ତି। ବର୍ତ୍ତମାନ ସେମାନଙ୍କୁ ନାଗେଶ୍ୱରୀ ପାହାଡ଼ ଜୀବନ ଜୀବିକା ଦେଉଛି। ନାଗେଶ୍ୱରୀ ପାହାଡ଼ ତଳେ ଥିବା ବୁଡ଼ି ଅଞ୍ଚଳର ୧୮ ହଜାର ଏକର ଜମିରେ ସେମାନେ ଚାଷ କରି ଜୀବନ ନିର୍ବାହ କରୁଥିବାବେଳେ ଖଣି ଖନନ ଦ୍ୱାରା ଚାଷ ଉପରେ ପ୍ରଭାବ ପଡ଼ିବ। ନାଗେଶ୍ୱରୀ ପାହାଡ଼ରେ ଥିବା କାଜୁ ଜଙ୍ଗଲ, ସିଆଳି ଗଛ,କନ୍ଦା ବିଭିନ୍ନ ପ୍ରକାର ଔଷଧିୟ ବୃକ୍ଷ ଗ୍ରାମବାସୀଙ୍କୁ ରୋଜଗାର ଦେଉଥିବାବେଳେ ପାହାଡ଼ରୁ ଆସୁଥିବା ଝରଣା ପାଣି ସେମାନଙ୍କୁ ବର୍ଷକରେ ଦୁଇ ଥର ଚାଷ କରିବାର ସୁଯୋଗ ଯୋଗାଉଥିବାରୁ ନାଗେଶ୍ୱରୀ ପାହାଡ଼ରୁ ବକ୍ସାଇଟ ଖନନ ବନ୍ଦ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି। ଅନ୍ୟ ପକ୍ଷରେ ପାହାଡ଼ ମଧ୍ୟରେ ଥିବା ଗୁମ୍ଫାରେ ଅଞ୍ଚଳବାସୀ ଶହ ଶହ ବର୍ଷରୁ ପୂଜା କରୁଥିବା ଇଷ୍ଟଦେବୀ ମା' ନାଗେଶ୍ୱରୀ ଠାକୁରାଣୀ ରହିଛନ୍ତି। ଖଣି ଖନନ ଦ୍ୱାରା ଲୋକଙ୍କ ଧର୍ମୀୟ ଭାବନାରେ ଗଭୀର ଆଘାତ ସୃଷ୍ଟି ହେବା ସମ୍ଭାବନା ରହିଛି। ପଲ୍ଲୀସଭା କିମ୍ବା ଗ୍ରାମସଭାରେ ଅନୁମୋଦନ ନହୋଇ ସରକାରଙ୍କ ଠାରୁ ଖଣି ଖନନ ପାଇଁ ଅନୁମତି ପାଇଥିବା କଳିଙ୍ଗ ଆଲୁମିନା କମ୍ପାନୀ ପ୍ରକଳ୍ପ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ନାଗେଶ୍ୱରୀ ପାହାଡ଼ରୁ ବକ୍ସାଇଟ ଖନନ ବନ୍ଦ କରିବାକୁ ଦାବୀ କରିଛନ୍ତି। ଏସ ପି ଅଭିନବ ସୋନକାର, ଅତିରିକ୍ତ ଜିଲ୍ଲାପାଳ ଆଲମଣି ସେଠୀ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବରଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ନାଗେଶ୍ୱରୀ ପାହାଡ଼ ବଞ୍ଚାଅ ଅଭିଯାନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ସହ ନିୟମ ଅନୁଯାୟୀ ଖଣି ଖନନ ପୂର୍ବରୁ ଯଥା ଶୀଘ୍ର ଜନ ଶୁଣାଣି କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣା ପଡ଼ିଛି। ଅନ୍ୟ ପକ୍ଷରେ ପ୍ରଭାବିତ ଗ୍ରାମବାସୀଙ୍କ ଦାବୀ ସରକାର ନଶୁଣିଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଛେଇବେ ନାହିଁ ବୋଲି ମା ନାଗେଶ୍ୱରୀ ପାହାଡ଼ ବଞ୍ଚାଅ ଅଭିଯାନର ଆବାହକ ତଥା ବୁଡ଼ି ଅଞ୍ଚଳ ବିକାଶ ପରିଷଦ ସଭାପତି ଆକାଶ ଖିଲ ଚେତାବନୀ ଦେଇଛନ୍ତି।

## ଗୁରୁ ପଦ୍ମସମ୍ଭବ ଓଡ଼ିଶାର ହୋଇଥିବା ନେଇ ନାଳନ୍ଦାରେ ଦୃଢ଼ ଯୁକ୍ତି ରଖିଲେ ପ୍ରବୀର ପଟ୍ଟନାୟକ

ନାଳନ୍ଦା,(ପି.ଏନ): ସମଗ୍ର ବିଶ୍ୱରେ ଦ୍ୱିତୀୟ ବୁଦ୍ଧ ଭାବରେ ସ୍ୱୀକୃତି ପାଇଥିବା ଅଷ୍ଟମ ଶତାବ୍ଦୀର ବିଶିଷ୍ଟ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଉଡ୍ଡୀୟାନ ପାକିସ୍ତାନର ସ୍ୱାତ୍ ଉପତ୍ୟକାରେ ଅବସ୍ଥିତ ବୋଲି କେତେକ ପାଶ୍ଚାତ୍ୟ ଗବେଷକ ଯେଉଁ ଭ୍ରମାତ୍ମକ ପ୍ରଚାର କରୁଛନ୍ତି, ନାଳନ୍ଦାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଏହାକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି ଓଡ଼ିଶାର ବିଶିଷ୍ଟ ଗବେଷକ ପ୍ରବୀର କୁମାର ପଟ୍ଟନାୟକ। ବିଭିନ୍ନ ତଥ୍ୟ ଓ ପ୍ରମାଣ ସହ ଏକ ବ୍ୟାଖ୍ୟାନ ରଖି ସେ କହିଛନ୍ତି ଯେ ଏହି ଉଡ୍ଡୀୟାନ ତତ୍କାଳୀନ ଓଡ଼ିଶା ବ୍ୟତୀତ ଆଉ କିଛି ନୁହେଁ। ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ଦର୍ଶନ ବିଷୟରେ ଆଲୋଚନା ପାଇଁ ଆନ୍ତର୍ଜାତିକ ବୌଦ୍ଧ ମହାସଂଘ ଓ ନବନାଳନ୍ଦା ମହାବିହାର ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀକୁ ଅଗଷ୍ଟ ୨୮ ତାରିଖ ସକାଳେ ଉଦ୍ ?ଘାଟନ କରିଥିଲେ ବିହାରର ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବୌଦ୍ଧ ଧର୍ମର ବହୁ ଗବେଷକ ଓ ବିଦ୍ୱାନମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଗବେଷକ ପ୍ରବୀର ପଟ୍ଟନାୟକ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଉଡ୍ଡୀୟାନ ପୀଠକୁ ନେଇ ଓଡ଼ିଶା ସପକ୍ଷରେ ଦାବୀ ଉପସ୍ଥାପନ କରିଥିଲେ। ଏହି ଅଧିବେଶନରେ ଓଡ଼ିଶାର ଜିରାଙ୍ଗଠାରେ ଥିବା 'ପଦ୍ମସମ୍ଭବ ମହାବିହାର'ର ସଭାପତି ଗେଟୁଲ୍ ଜିଗ୍ ?ମେ ରିଂପୋଚେ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ।ଗବେଷକ ପ୍ରବୀର କୁମାର ପଟ୍ଟନାୟକଙ୍କ ବ୍ୟାଖ୍ୟାନର ମୁଖ୍ୟ ବିନ୍ଦୁ ଥିଲା ଯେ, କେତେକ ଐତିହାସିକ ନଥିରେ ଉଡ୍ଡୀୟାନରେ 'ସମ୍ଭଳ' (ଇନ୍ଦ୍ରଭୂତିଙ୍କ ଶାସନାଧୀନ) ଓ ଲଙ୍କାପୁରୀ (ଜଳେନ୍ଦ୍ରଙ୍କ ଶାସନାଧୀନ) ଅବସ୍ଥିତ ଥିବା କଥା ଉଲ୍ଲେଖ ଅଛି। ଏହି ସ୍ଥାନଗୁଡ଼ିକ ଓଡ଼ିଶାରେ ଥିବା ବର୍ତ୍ତମାନର ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ହିଁ ଅବସ୍ଥିତ। ସେ ମଧ୍ୟ କହିଛନ୍ତି ଯେ ଗୁରୁପଦ୍ମସମ୍ଭବଙ୍କ ପବିତ୍ର ଦେହାବଶେଷ ଓଡ଼ିଶାର ଉଦୟଗିରିଠାରେ ଥିବା ମାଧବପୁର ମହାବିହାରରେ ସଂରକ୍ଷିତ ଅଛି। ଏହି ସମ୍ମିଳନୀରେ ଓଡ଼ିଶାରୁ ଡ଼. ଅନୀତା ସାବତ, ପ୍ରକାଶ ଚନ୍ଦ୍ର ନାୟକ ଓ ସୁନୀଲ ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ନିକଟରେ ଗବେଷକ ପ୍ରବୀର କୁମାର ପଟ୍ଟନାୟକଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ ପ୍ରାୟ ୫୦୦ ପୃଷ୍ଠା ବିଶିଷ୍ଟ ପ୍ରାମାଣିକ ଗ୍ରନ୍ଥ 'ଉଡ୍ଡୀୟାନ ଗୁରୁ ପଦ୍ମସମ୍ଭବ - ଦି ସେକେଣ୍ଡ ବୁଦ୍ଧ' ପ୍ରକାଶିତ ହେବାପରେ ଏ ବିଷୟରେ ବିଚାର ଆଲୋଚନା ଅଧିକ ବ୍ୟାପକ ହୋଇଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବନ୍ଧୁମିଳନ



ପାରାଦୀପ,(ପି.ଏନ):ବୁଧବାର ଦିନ ପୂର୍ବାହ୍ନରେ ପାରାଦୀପ ନଗର କଂଗ୍ରେସ୍ କମିଟି ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ଗଲ୍ଫ କୋର୍ସ ପରିସରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ନଗର କଂଗ୍ରେସ୍ ସଭାପତି କେଦାର ନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ୍ ଦଳର ପ୍ରାର୍ଥୀ ନିରଂଜନ ନାୟକ ଯୋଗ ଦେଇ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । କଂଗ୍ରେସ୍ ଏକ ଜାତୀୟ ଦଳ, ଦେଶର ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସ୍ ଦଳର ଅବଦାନକୁ ଦେଶବାସୀ ମନେ ରଖିଛନ୍ତି । ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ କଂଗ୍ରେସ୍ ଅପୂର୍ବ ସଫଳତା ହାସଲ କରିଛି । ଏହି ଧାରାକୁ ଓଡିଶାରେ ତଥା ପାରାଦୀପରେ ବଜାୟ ରଖିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ଶ୍ରୀ ନାୟକ । ପାରାଦୀପ ପୌରପାଳିକାକୁ ଦୁଇ ଦୁଇ ଥର ଦଖଲ କରିଥିବା କଂଗ୍ରେସ୍ ଦଳ ଆଗାମୀ ଦିନରେ ପାରାଦୀପରେ ମଜଭୁତ ହେବ ବୋଲି କହିଥିଲେ ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳ । ପାରାଦୀପ ପୌରପାଳିକାର ପାରିଷଦ ସଂଘମିତ୍ରା ସ୍ୱାଇଁ, ପୂର୍ବତନ ନଗର କଂଗ୍ରେସ୍ ସଭାପତି ନାରାୟଣ ସ୍ୱାଇଁ, ବରିଷ୍ଠ କଂଗ୍ରେସ୍ ନେତା କାହ୍ନୁ ଚରଣ ପରିଡା, କାଳନ୍ଦୀ ଚନ୍ଦ୍ର ଦାସ,ଅନିଲ କୁମାର ନାୟକ, ନିରୋଦ ସ୍ୱାଇଁ, ପ୍ରେମଲତା ବାରିକ, କୃପାସିନ୍ଧୁ ଦାସ,ଦେବୀପ୍ରସାଦ ସାମ'ରାୟ, ପଦ୍ମସମ୍ଭୁତ ମହାଁ, ପ୍ରକାଶ ସ୍ୱାଇଁ, ଧ୍ରୁବଚରଣ ମହାପାତ୍ର, ମନୋରମା ଖଟୁଆ, କମଳା ଓଝା,ଖୁଲଣା ଜେନା ପ୍ରମୁଖ ଯୋଗ ଦେଇ ଦଳୀୟ କର୍ମୀମାନଙ୍କୁ ଏକଜୁଟ୍ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ ।

## ବୁଡି ଯାଉଥିବା ପଣ୍ୟବାହୀ ଜାହାଜରୁ ୧୧ ନାବିକଙ୍କୁ ଉଦ୍ଧାର କଲା ତଟରକ୍ଷୀ ବାହିନୀ: ୩ ନିଖୋଜ




ପାରାଦୀପ,(ପି.ଏନ):ପଶ୍ଚିମବଙ୍ଗ ସାଗରଦୀପର ଦକ୍ଷିଣରୁ ୯୦ ନଟିକାଲ ମାଇଲ୍ ଦୂରରେ ଏମଭି ଆଇଟିଟି ନାମକ ପଣ୍ୟବାହୀ ଜାହାଜ ବୁଡି ଯାଉଥିବାର ଖବର ପାଇ ପାରାଦୀପ ତଟରକ୍ଷୀ ବାହିନୀ ଘଟଣାସ୍ଥଳରେ ପହଂଚି ଜାହାଜରୁ ୧୧ଜଣ ନାବିକଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିବା ବେଳେ ଜାହାଜରେ ଥିବା ଅନ୍ୟ ତିନିଜଣ ନାବିକଙ୍କ ସନ୍ଧାନ ମିଳି ପାରିନାହିଁ। ଉଦ୍ଧାର ୧୧ ଜଣ ନାବିକଙ୍କୁ ମଙ୍ଗଳବାର ଦିନ ପାରାଦୀପ ତଟରକ୍ଷୀ ବାହିନୀ କାର୍ଯ୍ୟାଳୟକୁ ଅଣାଯାଇ ଥିବା ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଘଟଣାରୁ ପ୍ରକାଶଯେ, ରବିବାର ଦିନ ବିଳମ୍ବିତ ରାତିରେ ଜାହାଜଟି କୋଲକତାରୁ ପୋର୍ଟ ବ୍ଲେୟାରକୁ ଯାଉଥିବା ଏମଭି ଆଟିଟି ପଣ୍ୟବାହୀ ଜାହାଜଟି ପଶ୍ଚିମବଙ୍ଗ ସାଗରଦୀପର ଦକ୍ଷିଣରୁ ୯୦ ନଟିକାଲ ମାଇଲ୍ ଦୂରରେ ଗଭୀର ସମୁଦ୍ର ମଧ୍ୟରେ ବୁଡି ଯାଉଥିଲା । ଏ ସମ୍ପର୍କରେ ତଟରକ୍ଷୀ ବାହିନୀର ଉ ର ପୂର୍ବ କ୍ଷେତ୍ରୀୟ କାର୍ଯ୍ୟାଳୟ କୋଲକତାକୁ ସୂଚନା ମିଳିଥିଲା । ଏହା ପରେ ତଟରକ୍ଷୀ ବାହିନୀର ଏୟାରକ୍ରାଫ୍ଟ ସମୁଦ୍ର ମଧ୍ୟରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲା । ଏୟାରକ୍ରାଫ୍ଟଠାରୁ ସୂଚନା ମିଳିବା ପରେ ପ୍ରତିକୂଳ ପାଗ ଯୋଗୁଁ ସମୁଦ୍ର ଅଶା' ଥିବା ସତ୍ତ୍ୱେ କୋଷ୍ଟଗାର୍ଡ ଜାହାଜ ଅମୋଘ ଓ ସାରଙ୍ଗ ଘଟଣାସ୍ଥଳରେ ପହଂଚି ଥିଲା । ଜାହାଜରୁ ୧୧ ଜଣ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପରେ ଏମଭି ଆଇଟିଟି ଜାହାଜର କ ୃପକ୍ଷଙ୍କୁ ହସ୍ତା'ରିତ କରାଯିବା ନେଇ ତଟରକ୍ଷୀ ବାହିନୀ ଦ୍ୱାରା ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ଏମଭି ଆଇଟିଟି ଜାହାଜଟି ମୁମ୍ବାଇଠାରେ ପଂଜୀକୃତ ହୋଇଥିବା ଏକ ପଣ୍ୟବାହୀ ଜାହାଜ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray